# ନର୍ସିଂହୋମ୍ ସିଲ୍‌କଲା ସ୍ୱାସ୍ଥ୍ୟ ବିଭାଗ

**ନାବାଳିକା ପ୍ରସବ ଘଟଣା**



ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଲକ୍ଷ୍ମୀ ନର୍ସିଂହୋମ୍‌କୁ ସିଲ୍ କରାଯାଉଛି ।

**ଯାଜପୁରରୋଡ୍, ୨୧।୨ (ପବିତ୍ର ରଞ୍ଜନ ମହାନ୍ତି):**

ନାବାଳିକା ପ୍ରସବ ଘଟଣାରେ ଶନିବାର ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପକ୍ଷରୁ ବ୍ୟାସନଗର ସହରରେ ଥିବା ଲକ୍ଷ୍ମୀ ନର୍ସିଂହୋମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ କରାଯାଇଛି। ପ୍ରସବ ଘଟଣା ଲୋକଲୋଚନକୁ ଆସିବା ପରେ ଗତ ୧୬ ତାରିଖରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ତଦନ୍ତ କରାଯାଇ ଏହାକୁ ସିଲ କରାଯିବାରଥିଲା। ମାତ୍ର ସେଠାରେ ୧୧ ଜଣ ରୋଗୀ ଚିକିତ୍ସିତ ହେଉଥିବାରୁ ନର୍ସିଂହୋମ ଖାଲିକରିବାକୁ ୨୦ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥଲା। ଉକ୍ତ ସମୟ ଅବଧିପୁରି ଯାଇଥିବାରୁ ଶନିବାର ପୂର୍ବାହ୍ନରେ ମାଜିଷ୍ଟ୍ରେଟଭାବେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣଙ୍କ ଉପସ୍ଥିତିରେ ଏଡିଏମ୍‌ଓ ଡା. ମନୋଜ କୁମାର ସେନାପତି, ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଗୌତମ ସାହୁ, ଯାଜପୁରରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ, ତଦନ୍ତକାରୀ ଅଧିକାରୀ ମିନି ଭୋଇ ପ୍ରମୁଖ ସାମିଲ ହୋଇ ହସ୍ପିଟାଲକୁ ଖାଲି କରାଇବା ସହ ସିଲ କରିଥିଲେ। ତଦନ୍ତ ଅଧିକାରୀ ସିଲ ସମୟରେ ହସ୍ପିଟାଲର ୨ ରେଜିଷ୍ଟର ଓ କିଛି ଔଷଧ ଜବତ କରିଥିଲେ। ଏନେଇ ଏଡିଏମ୍‌ଓ ଡା. ସେନାପତି କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ସବୁ ସାମ୍ନାକୁ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ନାବାଳିକା ଗର୍ଭପାତ ହୋଇଥିବା ଅଭିଯୋଗ ହୋଇଥିଲାବେଳେ ପରେ ଅଭିଯୁକ୍ତ ବୃଦ୍ଧ ପଦ୍ମନାଭ ଶତପଥୀଙ୍କ ଘର ସମ୍ମୁଖରୁ ଶିଶୁକନ୍ୟା ଉଦ୍ଧାର ଘଟଣା ରୋଚକ ମୋଡରେ ପହଞ୍ଚିଛି। ଉଦ୍ଧାର ହୋଇଥିବା ଶିଶୁ କନ୍ୟା କାହାର ତାହା ସନ୍ଦେହଘେରରେ ରହିଛି। ଉକ୍ତ ଉଦ୍ଧାର ଶିଶୁଟି ନାବାଳିକାଙ୍କର କି ନୁହେଁ ତାହା ଡିଏନଏ ପରୀକ୍ଷା ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୋଲିସ କହିଛି। ଶିଶୁଟିର ଜନ୍ମ ଉକ୍ତ ହସ୍ପିଟାଲରେ ହୋଇଛି କି ଆଉ କେଉଁଠି ହୋଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ୨ଜଣ ଗିରଫ ହୋଇସାରିଥିଲେ ମଧ ତଦନ୍ତ ସ୍ୱଚ୍ଛତା ଏବେବି ଅସ୍ୱଷ୍ଟ ରହିଛି। ନାବାଳିକାଙ୍କ ଡାକ୍ତରୀମାଇନାବେଳେ ଅନେକ ଗୂଢ଼ ରହସ୍ୟଥିବା ଅନୁମାନ କରାଯାଉଛି। ନାବାଳିକାଙ୍କ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ଉକ୍ତ ନର୍ସିଂ ହୋମକୁ ଅଣାଯାଇଥିଲା। ନର୍ସିଂହୋମରେ ପ୍ରସବ କରାଯାଇ ନ ଥିବା ନାବାଳିକାଙ୍କ ଚିକିତ୍ସା କରିଥିବା ଡା. ବିରଞ୍ଚି ମହାପାତ୍ର କହିଥିଲେ। ଅଭିଯୁକ୍ତ ପଦ୍ମନାଭ ଶତପଥୀ ଓ ପୀଡ଼ିତା ନବାଳିକା ବୟାନକୁ ଆଧାରକରି ତଦନ୍ତ ଜାରିରହିଛି। ଖୁବଶୀଘ୍ର ଏହି ଘଟଣାର ରହସ୍ୟ ଉନ୍ମୋଚନ କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ କୋପଣ୍ଡ ଗ୍ରାମରେ ଭଡ଼ାରେ ବାପାଙ୍କ ସାଙ୍ଗରେ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା ଗର୍ଭପାତ କରାଇଥିବା ଯାଜପୁରରୋଡ୍ ଥାନାରେ ରବିବାର ସନ୍ଧ୍ୟାରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣା ଘଟିବାର ୨ ଦିନପରେ ଗ୍ରାମର ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ସମ୍ପୃକ୍ତ ନାବାଳିକାଙ୍କୁ ପଚାରିବାରୁ ସେ ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ ଏବଂ ସମ୍ପୃକ୍ତ ବୃଦ୍ଧଙ୍କ ଦ୍ୱାରା ଏକ ଘରୋଇ ନର୍ସିଂହୋମରେ ତାଙ୍କର ଗର୍ଭପାତ କରାଯାଇଥିବା ସେ କହିବା ପରେ ଘଟଣା ଥାନାକୁ ଆସିଥିଲା।

**ମାଟ୍ରିକ ପରୀକ୍ଷା**

## ଇଂଲିଶରେ ୧୦୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଧର୍ମଶାଳା, ୨୧।୨ (ବଟକୃଷ୍ଣ ପରିଡ଼ା):**

ମାଟ୍ରିକ ପରୀକ୍ଷା ଶନିବାର ୨ୟଦିନରେ ପହଞ୍ଚିଛି। ଧର୍ମଶାଳା ବ୍ଲକରେ ମୋଟ୍ ୧୯ ପରୀକ୍ଷା କେନ୍ଦ୍ରରେ ୩,୩୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୨୬୫ ଜଣ ୨ୟ ଭାଷା ଇଂଲିଶ ପରୀକ୍ଷା ଦେଇଛନ୍ତି। ୧୦୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାରେ ଧର୍ମଶାଳା ବ୍ଲକର ରେଗୁଲାର ୩୦୯୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୩୨ ଜଣ ପରୀକ୍ଷା ଦେଇଥିବା ବେଳେ ୬୩ ଜଣ ଓ ମଧ୍ୟମାରେ ୧୨୭ଜଣଙ୍କ ମଧ୍ୟରୁ ୧୧୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୪ ଏବଂ ମୁକ୍ତ ବିଦ୍ୟାଳୟର ୧୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୦ ଜଣ ପରୀକ୍ଷା ଦେଇଥିବା ବେଳେ ୨୩ ଜଣ ମୋଟ ୧୦୦ ଜଣ ଅନୁପସ୍ଥିତ ରହିଛନ୍ତି। ପରୀକ୍ଷାର୍ଥୀ ସକାଳ ୭ଟା୩୦ରେ ପରୀକ୍ଷା ହଲରେ ପ୍ରବେଶ କରିଥିଲେ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା୩୦ରେ ଶେଷ ହୋଇଥିଲା। ନୋଡାଲ ସେଣ୍ଟରରୁ ପୋଲିସ ସୁରକ୍ଷାରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ଧର୍ମଶାଳା ବ୍ଲକର କେତେକ ସେଣ୍ଟର ପରିଦର୍ଶନ କରିଥିଲେ। ପରୀକ୍ଷା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା ଧର୍ମଶାଳା ବାଣୀପୀଠ ନୋଡାଲ ସେଣ୍ଟରର ସୁପରିଟେଣ୍ଡେଣ୍ଟ ବାସୁଦେବ ରାଉଳ ସୂଚନା ଦେଇଛନ୍ତି।

## ୩ ବଖରା ଭସ୍ମୀଭୂତ


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର ।

**ବିଞ୍ଝାରପୁର, ୨୧।୨ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ–ଚନ୍ଦନପୁର ପଞ୍ଚାୟତ କଲରାପାଳ କୁଳସାହି ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କ ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ରବୀନ୍ଦ୍ରଙ୍କ ପରିବାର ଶୋଇଥିଲେ। ରବୀନ୍ଦ୍ର ରାତିରେ ପରିସ୍ରା କରିବାକୁ ଉଠିଥିବାବଳେ ତାଙ୍କ ଘର ଜଳୁଥିବା ଦେଖିଥିଲେ। ସେ ନିଆଁ ଲିଭାଇବା ପାଇଁ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଡାକଶୁଣି ପାଖ ପଡ଼ୋଶୀ ପହଞ୍ଚି ନିଆଁ ଲିଭାଇଥିଲେ। ହେଲେ ନିଆଁକୁ ଆୟତ କରିପାରି ନ ଥିଲେ। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ସେତେବେଳକୁ ଘର ଜଳିଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ରବୀନ୍ଦ୍ର ଜଣେ ନିମ୍ନମଧ୍ୟବିତ୍ତ ବର୍ଗର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସାମୂହିକ ଔଷଧ ସେବନ ଅବଧି ୩ ଦିନ ବଢ଼ିଲା

**ଫାଇଲେରିଆ ମୁକ୍ତ ଅଭିଯାନ**

**ରସୁଲପୁର, ୨୧।୨ (ରଞ୍ଜିତ ରାଉତ):**

ଯାଜପୁର ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଚଳିତମାସ ୧୦ ତାରିଖରୁ ସାମୂହିକ ଔଷଧ ସେବନ ଅଭିଯାନ ଜାରିରହିଛି। ଏହି ଜିଲାର ଏକମାତ୍ର ରସୁଲପୁର ବ୍ଲକକୁ ଫାଇଲେରିଆପ୍ରବଣ ଭାବରେ ଚିହ୍ନଟ କରାଯାଇଥିବାରୁ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଜନସାଧାରଣଙ୍କୁ ଔଷଧ ଖୁଆଉଛନ୍ତି। ଏହି ଅଭିଯାନ ଚଳିତମାସ ୧୯ ତାରିଖରେ ଶେଷ ହେବାର ଥିଲା। ଏହାରି ଭିତରେ ଶତପ୍ରତିଶତ ସାମୂହିକ ଔଷଧ ସେବନ ଅଭିଯାନ ସଫଳ ହୋଇପାରିନାହିଁ। ଫଳରେ ଏହି ଅବଧିକୁ ଆହୁରି ୩ଦିନ ବଢ଼ାଇ ଦିଆଯାଇଛି। ଯେନତେନ ଉପାୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲକରେ ଶତପ୍ରତିଶତ ଚିହ୍ନଟ ଲୋକଙ୍କୁ ଔଷଧ ଖୁଆଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବଧି ଶେଷସୁଦ୍ଧା ଆଶାନୁରୂପକ ସଫଳତା ମିଳିପାରିବା ନେଇ ଅନିଶ୍ଚିତତା ଲାଗିରହିଛି। ଅନ୍ୟପକ୍ଷରେ ଔଷଧ ସେବନରେ ଅସହଯୋଗ କରୁଥିବା ପରିବାରର ସରକାରୀ ସହାୟତା ବନ୍ଦ କରାଯିବ ବୋଲି ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଛି। ଏହି ସୂଚନା ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଭାବରେ ପ୍ରଚାରପ୍ରସାର କରିବା ନେଇ ପଦକ୍ଷେପ ନିଆଯାଉଛି।

ସୂଚନାଯୋଗ୍ୟ, ଫାଇଲେରିଆ ରୋଗ ମଶା ଦ୍ୱାରା ବ୍ୟାପିଥାଏ। ଏହି ରୋଗରେ ଆକ୍ରାନ୍ତ ରୋଗୀଙ୍କଠାରେ କୌଣସି ଲକ୍ଷଣ ଦେଖାଦେଇ ନଥାଏ। ଯେଉଁ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି, ତା'ର ଚିକିତ୍ସା ଉପାୟନାହିଁ। ରୋଗର ମୂଳୋତ୍ପାଟନ ପାଇଁ ପ୍ରତିଷେଧକ ବ୍ୟବସ୍ଥାକୁ ଆପଣେଇବାକୁ ପଡ଼ିବ। ଏଥିସକାଶେ ସାମୂହିକ ଔଷଧ ସେବନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ସମଗ୍ର ରାଜ୍ୟରେ ୫ଟି ଜିଲାରେ ଜାରି ରହିଛି। ଏହି ପ୍ରକ୍ରିୟାକୁ ଶାଣିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ରସୁଲପୁର ବ୍ଲକର ପ୍ରତ୍ୟେକ ପରିବାରର ୨ବର୍ଷରୁ କମ୍ ବୟସ୍କ ଶିଶୁ, ଗର୍ଭବତୀ ଓ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ସ୍ୱାସ୍ଥ୍ୟକର୍ମୀ ଔଷଧ ଖୁଆଉଛନ୍ତି। ବ୍ୟକ୍ତିଙ୍କ ଉଚ୍ଚତା ଅନୁସାରେ ବଟିକା ପ୍ରଦାନ କରାଯିବା ସହ ତାଙ୍କ ଫଟୋ ଉତ୍ତୋଳନ କରାଯାଇ ଗ୍ରୁପ୍‌ରେ ପଠାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯାନର ସଫଳତାକୁ ନେଇ ଦୈନିକ ଜିଲାପାଳଙ୍କ ଦ୍ୱାରା ସମୀକ୍ଷା କରାଯାଉଛି। ଯେଉଁମାନେ ଗାଁ ଗଣ୍ଡାରେ ଏହି ପ୍ରକ୍ରିୟାରେ ଅସହଯୋଗ କରୁଛନ୍ତି, ସେମାନଙ୍କର ତାଲିକା ପ୍ରସ୍ତୁତକରି ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ସୂଚନା ମୁତାବକ ତୃଣମୂଳସ୍ତରରେ ଔଷଧ ସେବନରେ ଅସହଯୋଗକାରୀଙ୍କ ପରିବାରର ସରକାରୀ ସହାୟତା ବନ୍ଦ ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି।

## ପିଇଓଙ୍କ ସ୍ୱାମୀ ଭତ୍ତା ବାଣ୍ଟିଲେ

- ପ୍ରଶ୍ନ କରିବାରୁ ଧମକାଇଲେ
- ସାମାଜିକ ଗଣମାଧମରେ ଘୂରି ବୁଲୁଛି ଭିଡିଓ

**ବିଞ୍ଝାରପୁର, ୨୧।୨ (ରାମକୃଷ୍ଣ ଦାସ):**

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବଦଳରେ ତାଙ୍କ ସ୍ୱାମୀ ଭତ୍ତା ବାଣ୍ଟିଛନ୍ତି। ଏହାକୁ ନେଇ ବଚସା ହୋଇଛି। ଏଭଳି ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧମରେ ଘୂରି ବୁଲିବା ସହିତ ବିଞ୍ଝାରପୁର ଅଞ୍ଚଳରେ ଖବରର ଶିରୋନାମା ପାଲଟିଛି। ଖବର ମୁତାବକ, ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ବାର୍ଦ୍ଧକ୍ୟ ଭତ୍ତା ପିଇଓ ରଶ୍ମିତା ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ବିଜୟ ସାହୁ ହିତାଧିକାରୀଙ୍କୁ ବଣ୍ଟନ କରୁଥିଲେ। ବିଜୟଙ୍କ ଭତ୍ତାବଣ୍ଟନକୁ ନେଇ ସେହି ପଞ୍ଚାୟତର ସନ୍ତୋଷ କୁମାର ଧଳ ନାମକ ବ୍ୟକ୍ତି ପ୍ରଶ୍ନ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ପିଇଓଙ୍କ ସ୍ୱାମୀ ବିଜୟ ନିଜକୁ ଭାଜପାର ବଡ଼ସମର୍ଥକ ବୋଲି କହିବା ସହ ତାଙ୍କ ନାମରେ ଯେଉଁଠି ଅଭିଯୋଗ କଲେ ବି ତାଙ୍କର କେହି କିଛି କରି ପାରିବେ ନାହିଁ ବୋଲି ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଓ ଅନ୍ୟ ଭଦ୍ରବ୍ୟକ୍ତି ମାମଲାର ସମାଧାନ କରିବାକୁ ଉଦ୍ୟମ ଚଳାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ପିଇଓଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ସରକାରୀ କାର୍ଯ୍ୟ କରିବା କେତେ ସମୀଚିନ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସମ୍ପୃକ୍ତ ପିଇଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ଶିବିରରେ ଜଣେ ପ୍ରଶିକ୍ଷାର୍ଥୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

**ବଡ଼ଚଣା, ୨୧।୨ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗତ ୫ ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା ଡ. ସରିତା ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ବାଳିକାମାନଙ୍କ ପ୍ରତି ହେଉଥିବା ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏଭଳି ପ୍ରଶିକ୍ଷଣ ଗୁରତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ସାଂପ୍ରତିକ ସମାଜରେ ନାରୀ କିପରି ଶୋଷଣମୁକ୍ତ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ କିଶୋର କୁମାର ସାହୁ ଯୋଗଦେଇ ବାଳିକାମାନଙ୍କୁ ଆତ୍ମରକ୍ଷା ପାଇଁ ମନୋବଳ ଦୃଢ଼ କରିବା ଜରୁରୀ ବୋଲି କହିବା ସହ, ନିଜର ସୁରକ୍ଷା ପାଇଁ ଝିଅମାନେ ପାଖରେ ବିଭିନ୍ନ ସାମଗ୍ରୀ ରଖିବାକୁ ଉପଦେଶ ଦେଇଥିଲେ। କିରାଣି ସୁମନ୍ତ କୁମାର ଦାଶ ଯୋଗଦେଇ ଏହି ଯୋଜନା ବାଳିକାଙ୍କ ମାନସିକତାକୁ ଶକ୍ତିଶାଳୀ କରିବ ବୋଲି ମତରଖିଥିଲେ। ଅଧ୍ୟାପିକା ଦିପ୍ତି ପ୍ରିୟଦର୍ଶିନୀ ନାୟକ ସହଯୋଗ କରିଥିଲେ। ପ୍ରଶିକ୍ଷିକା ସ୍ମୃତିରେଖା ବିଶ୍ୱାଳ ଆତ୍ମରକ୍ଷା କୌଶଳ ଶିକ୍ଷାଦେଇଥିଲେ। ଶେଷରେ ମୁଖ୍ୟଅତିଥି ମାହାଲା ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ବିପଦରେ ସପ୍ତମାତୃକା ବ୍ୟାରେଜ, ସେତୁ

**ବୈତରଣୀରୁ ବେଆଇନ ବାଲି ଚାଲାଣ ଅଣାୟତ୍ତ**

**ଯାଜପୁର, ୨୧।୨ (ହର୍ଷବର୍ଦ୍ଧନ ବେହେରା)**

ସେତୁ ସ୍ଥାନ ନିକଟତର ନଦୀର ଉଭୟ ଉପର ଏବଂ ତଳ ପାର୍ଶ୍ୱରେ ବାଲି ଖନନ ଯୋଗୁ ତାହାର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନ ହେଉଛି। ଗୁରୁତର କ୍ଷେତ୍ରରେ ସେତୁ ଭୁଶୁଡ଼ି ପଡ଼ିଥିବା ଭଳି ଅନେକ ମାମଲା ରିପୋର୍ଟ ହୋଇଛି। ସେତୁ ପାଇଁ ରାଫ୍ଟ ଫାଉଣ୍ଡେଶନର ଡିଜାଇନ ଏବଂ ନିର୍ମାଣ ନିର୍ଦ୍ଦେଶାବଳୀ ଅନୁସାରେ ନଦୀର ଉପରମୁଣ୍ଡ ଏବଂ ତଳମୁଣ୍ଡ ପାର୍ଶ୍ୱରେ ସର୍ବନିମ୍ନ ୩୦୦ ମିଟର ଦୂରତାରେ ବାଲି ଖନନ କରାଯିବା ଉଚିତ ନୁହେଁ। ଏହି କ୍ରମରେ ଉକ୍ତ ଅଞ୍ଚଳକୁ ନିଷିଦ୍ଧ ଘୋଷଣା କରାଯିବାକୁ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। କିନ୍ତୁ ବୈତରଣୀ ନଦୀର ଯାଜପୁର ଜିଲା ସଦର ମହକୁମା ବେଆଇନ ବାଲି ଉତ୍ତୋଳନ ଅଣାୟତ୍ତ ହେବାରେ ଲାଗିଛି। ଏଥିଯୋଗୁ ବୈତରଣୀ ନଦୀ ମଧ୍ୟରେ ନିର୍ମିତ ସପ୍ତମାତୃକା ବ୍ୟାରେଜ ଓ ସେତୁ ପାଇଁ ବଡ଼ ବିପଦ ସୃଷ୍ଟି ହୋଇଛି। ସହରବାସୀଙ୍କ ଅଭିଯୋଗ ଅନୁଯାୟୀ ଅଧରାତି ହେଲେ ଏଠାରୁ ବାଲି ଉଠାଣ ଅଭିଯାନ ଆରମ୍ଭ ହୋଇଥାଏ। ଟ୍ରାକ୍ଟର, ଡମ୍ପର ଓ ହାଇୱା ଯୋଗେ ଶତାଧିକ ଟ୍ରିପ୍ ବାଲି ପରିବହନ ହେଉଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ରାତିରେ ଚଳାଚଳ କରୁଥିବା ବାଲି ବୋଝେଇ ଗାଡିଗୁଡିକର ଶବ୍ଦରେ ଅଞ୍ଚଳବାସୀ ଶୋଇପାରୁ ନ ଥିବା ଅଭିଯୋଗ ହେଉଛି। ବାଲିଘାଟ ନିକଟରେ ଅବସ୍ଥିତ ବଲ୍ଲଭିଘାଟ ସେତୁ ମଧ ବିପଦରେ ପଡ଼ିପାରେ ବୋଲି ଚର୍ଚ୍ଚା ଚାଲିଛି। ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣି ବିଭାଗର ଉପ ନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଯଦି କୌଣସି ବେଆଇନ ବାଲି ପରିବହନ ହେଉଥିବ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ବୈତରଣୀ ନଦୀରେ ସପ୍ତ ମାତୃକା ସେତୁ ତଳୁ ବାଲି ଉଠାଣ କରାଯାଉଛି ।

## ୨ ବର୍ଷ ପରେ ପୁଣି ସଫେଇ ଆରମ୍ଭ



ରାସ୍ତା ପ୍ରଶସ୍ତୀକରଣ ପାଇଁ ସଫେଇ କରାଯାଉଛି ।

- ଶାନ୍ତିବଜାର-କାଏମା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ
- ଚାରିଥାକିଆ ରାସ୍ତା ସହ ବାଇପାସ ବ୍ୟବସ୍ଥାର ମିଳିଲା ଆଶା

**କାଏମା, ୨୧।୨ (ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଶାନ୍ତିବଜାରଠାରୁ କାଏମା ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ୪ ଥାକିଆ କରିବା ପାଇଁ ଶିଳାନ୍ୟାସ କରାଯିବାର ୨ ବର୍ଷ ପରେ ପୁଣି ରାସ୍ତା ସଫେଇ ଆରମ୍ଭ ହୋଇଛି। ଆଗକୁ କାର୍ଯ୍ୟ ଆରମ୍ଭ ହେବା ସୂଚନା ମିଳିଛି। ଏହି ରାସ୍ତାରେ ସବୁ ସମୟରେ ଭିଡ଼ ଦେଖିବାକୁ ମିଳିଥାଏ। ସେଥିପାଇଁ ଏହାକୁ ୪ ଥାକିଆ କରିବା ପାଇଁ ୨୦୨୩ ଡିସେମ୍ବରରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ୧୮କୋଟି ୪୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରାଯାଇଥିଲା। ରାସ୍ତା ମାପଚୁପ ସହ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ମାପଚୁପ ଭିତରେ କାଏମା ହାଇସ୍କୁଲ ଓ ୟୁପି ସ୍କୁଲର ଅଧିକାଂଶ ସ୍ଥାନ, ଆର୍‌ଆଇ କାର୍ଯ୍ୟାଳୟ, ପଞ୍ଚାୟତ ଅଫିସ ଭଳି ଅନେକ ବଡ଼ବଡ଼ କୋଠା ଅଧାରୁ ଅଧିକ ରାସ୍ତାକୁ ଆସିଯାଇଥିଲା। ଫଳରେ ମାପଚୁପରେ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଏଥିସହିତ କାଏମା ଅଞ୍ଚଳର କେତେଜଣ ବାସିନ୍ଦା ଓ ବ୍ୟବସାୟୀ ଏହାକୁ ବିରୋଧ କରିଥିଲେ, ଯାହାକୁ ନେଇ ଅନେକ ବିବାଦ ଦେଖାଦେଇଥିଲା। ସେ ସମୟରେ ଲୋକେ ନେତା ଓ ପ୍ରଶାସନକୁ ଭେଟି ଏ ସମ୍ପର୍କରେ ଅବଗତ କରାଇଥିଲେ। ଫଳରେ କାର୍ଯ୍ୟ ବନ୍ଦ ରହିଥିଲା ଓ ନିର୍ବାଚନ ଆସିଯାଇଥିଲା। ନିର୍ବାଚନ ପରେ ସରକାର ବଦଳିଯାଇଥିଲା। ଧର୍ମଶାଳା ବିଜେଡି ବିଧାୟକ ପରାଜୟ ହୋଇଥିଲେ। ସ୍ୱାଧୀନ ବିଧାୟକଭାବେ ହିମାଂଶୁ ଶେଖର ସାହୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଏହି କାର୍ଯ୍ୟର ଟେଣ୍ଡର ନେଇଥିବା ଠିକାଦାର ବିଜେଡି ସମର୍ଥକ ହୋଇଥିବାରୁ ନିର୍ବାଚନ ପରେ କାର୍ଯ୍ୟ ଆଗକୁ ବଢ଼ି ପାରି ନ ଥିଲା। ଏହି ଘଟଣାକୁ ୨ ବର୍ଷରୁ ଅଧିକ ଦିନ ବିତିଯାଇଛି। ଠିକାଦାର ମଧ୍ୟ ଦଳ ପରିବର୍ତ୍ତନ କରିବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ ପାଇଁ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରସାନନ୍ଦ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ରାସ୍ତା ଶାନ୍ତିବଜାର ନିକଟରୁ ଚରିଥାକିଆ ଭାବେ ବାହାରି କାଏମା ସ୍କୁଲ କେନାଲ ନିକଟରେ ପହଞ୍ଚିବ। କାଏମା ବଜାର ମଧ୍ୟରେ ପ୍ରବେଶ ନ କରି କେନାଲ ନିକଟରୁ ବାଇପାସଭାବେ କେଲୁଅ ନଦୀ ବନ୍ଧକୁ ସଂଯୋଗ କରିବ। ସେଥିପାଇଁ କିଛି ସ୍ଥାନରେ ସଫେଇ କରାଯାଉଛି। ତେବେ ଶିଳାନ୍ୟାସର ୨୫ମାସ ପରେ ରାସ୍ତା କାର୍ଯ୍ୟ କେବଳ ସଫେଇରେ ସୀମିତ ରହୁଛି ନା ଆଗକୁ ବଢୁଛି ତାହା ଦେଖିବାକୁ ଅପେକ୍ଷା ରହିଛି।

# ପୋକ ଦାଉରୁ ରକ୍ଷା କରିବ ଉପକାରୀ ପୋକ

## ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ

ଜଗତ୍‌ସିଂହପୁର, ୨୧।୨
(ପ୍ରମୋଦ କୁମାର ନାୟକ)



କର୍ମଶାଳାରେ ମଞ୍ଚାସୀନ ଅତିଥି।

ଚାଷୀମାନେ ବିଭିନ୍ନ ପନିପରିବା ଚାଷ କଲାବେଳେ ପୋକ ଦାଉରୁ ରକ୍ଷା ପାଇବା ପାଇଁ ଅପେକ୍ଷା ନ କରି ଆଗୁଆ କୀଟନାଶକ ବ୍ୟବହାର କରି ଦେଉଛନ୍ତି। ଯାହା ଆମ୍ଭମାନଙ୍କ ପାଇଁ ବିପଜ୍ଜନକ ହୋଇପଡୁଛି। ଆମ୍ଭମାନଙ୍କ ଶରୀରକୁ କୀଟନାଶକ ଯାଇ ଅନେକ ସମସ୍ୟା ସୃଷ୍ଟି କରୁଛି। ଏଥିପ୍ରତି ପ୍ରତ୍ୟେକ ସଚେତନ ରହିବା ସହ ସତର୍କ ହେବାକୁ ପଡ଼ିବ। ପୂର୍ବପରି ଜୈବିକ ଉପାୟରେ ପ୍ରାକୃତିକ ଚାଷ କରିବା ଉଚିତ। ଯଦି ପୋକ ଲାଗିବାର ସମ୍ଭାବନା ଥାଏ କିମ୍ବା ଲାଗେ ତା'ର ପ୍ରତିକାର ଜୈବିକ ଉପାୟରେ କରାଯାଇପାରିବ। ଚିତ୍ରମେରୀ ନାମକ ଉପକାରୀ ପୋକ ଏହି ସମସ୍ୟାର ସମାଧାନ କରିପାରିବ। ଏହି ପୋକ ପରିବା ଚାଷ ହେଉଥିବା କ୍ଷେତରେ କିମ୍ବା ଗଛରେ ଛାଡିଦେଲେ ତାହା ଅପକାରୀ ପୋକ ଯଥା ଜଉ ପୋକ, ଧଳା ମାଛି, ଦହିଆ ପୋକ ଆଦି ଶୋଷକ କୀଟଗୁଡିକୁ ଖାଇଦେବେ। ଏହାର ଦାମ କୀଟନାଶକ ଅପେକ୍ଷା ଯଥେଷ୍ଟ କମ୍। ଟ୍ରାଇକୋ କାର୍ଡ ବାଇଗଣ ଆଦିଗଛରେ କାଣ୍ଡ ବିନ୍ଧା ପୋକ ଦମନ କ୍ଷେତ୍ରରେ ବେଶ୍ ସହାୟକ ହୋଇଥାଏ। ପୋକ ଦାଉରୁ ରକ୍ଷା ପାଇବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ଗବେଷଣା କରାଯାଇ ଉପକାରୀ ପୋକ ସୃଷ୍ଟି କରାଯାଇପାରିଛି। ଚାଷୀ ଏହାର ବ୍ୟବହାର କରିପାରିଲେ ପ୍ରତ୍ୟେକ ଉପକୃତ ହେବା ସହ ବିପଜ୍ଜନକ ରସାୟନ କବଳରୁ ରକ୍ଷା ପାଇପାରିବେ। ଶନିବାର ସ୍ଥାନୀୟ ଉଦ୍ୟାନ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୀଟତତ୍ତ୍ୱବିତ ରିସୋର୍ସ ପର୍ସନ ହିସାବରେ ଯୋଗଦେଇ ପ୍ରଜ୍ଞା ପତି ଏହା କହିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀଙ୍କୁ ରୋଗ ଓ ପୋକ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ବୁଝା ଯାଇଥିଲା। ଅନେକ ସମୟରେ ରୋଗ କି ପୋକ କାରଣରୁ ଚାଷ ପ୍ରଭାବିତ ହେଉଛି ନ ଜାଣି ଚାଷୀ ମନଇଚ୍ଛା କୀଟନାଶକ ବ୍ୟବହାର କରି ଦେଉଛନ୍ତି । ଏହା ଆଦୌ ଠିକ୍ ନୁହେଁ। ତେଣୁ ଚାଷୀ ପ୍ରଥମେ କାରଣ ଜାଣି ପ୍ରତିକାର କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କୁହାଯାଇଥିଲା।

ସହକାରୀ ଉଦ୍ୟାନ ନିର୍ଦ୍ଦେଶକ (ଏଡିଏଚ୍) ଅନିଲ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) ବିଷ୍ଣୁପ୍ରିୟା ସେଠୀ ଯୋଗଦେଇ ମା' ଓ ଶିଶୁମାନଙ୍କ ଶରୀରରେ ଦେଖାଯାଉଥିବା ଅଭାବ ଦୂର ପାଇଁ ଅଗଣା କିମ୍ବା ଛାତ ଉପରେ ବଗିଚା କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ବ୍ୟାପକ ପନିପରିବା ଓ ଶାଗ ଆଦି ଚାଷ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏଡିଭିଓ ପ୍ରଭୁଦତ୍ତ ଦାସ ଓ ରିସୋର୍ସ ପର୍ସନ ହିସାବରେ (ସିଆର୍‌ଆର୍‌ଆଇ କଟକ) ରୋଗ ବିଶେଷଜ୍ଞ ବୈଜ୍ଞାନିକ ଡ. ରଘୁ ଏସ୍ ପ୍ରମୁଖ ରୋଗ ଓ ପୋକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାର ପ୍ରମୁଖ ମହୁ ଚାଷୀ ଅଶୋକ ଷଡ଼ଙ୍ଗୀ ମହୁ ଚାଷ ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଇଥିଲେ। ଏହାବାଦ ଉଦ୍ୟାନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଏରସମା ଏଏଚ୍‌ଓ ଉପାଲିକ୍ଷଣ ଚନ୍ଦ୍ରିକା ଓ ସହକାରୀ କୃଷିଯନ୍ତ୍ରୀ ସଂସାର ପରିଡ଼ା ଉଦ୍ୟାନ କୃଷିର ବିଭିନ୍ନ ଯୋଜନା ଓ ଚାଷୀଙ୍କୁ ଏହାର ଲାଭ କିପରି ମିଳିବ ସେବିଷୟରେ ବୁଝାଇଥିଲେ। କୁଜଙ୍ଗ ଏଏଚ୍‌ଓ ଅର୍ପିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ମହୁ ଚାଷ ଉପରେ ପ୍ରଦର୍ଶନୀ କରାଯାଇଥିଲା। ସୁଶାନ୍ତ ଦାସ ଓ ସହକାରୀ ଉଦ୍ୟାନ ବିଭାଗର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଗତ ୨୦ ତାରିଖ ଉଦ୍‌ଘାଟନୀ ଉତ୍ସବରେ ଏଡିଏଚ୍ ସେଠୀ ପୌରୋହିତ୍ୟ କରିଥିବାବେଳେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସନ୍ଦୀପ କୁମାର ରାଉତ, ଜିଲ୍ଲା କୃଷି ଅଧିକାରୀ କୁଳମଣୀ ବାରିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ସହକାରୀ ମୃତ୍ତିକା ନିର୍ଦ୍ଦେଶକ ମୋନାଲିସା ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରିସୋର୍ସ ପର୍ସନ ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଅଦ୍ୱୈତ ପାତ୍ର ଛତୁ ଚାଷ ଓ ଅବସରପ୍ରାପ୍ତ ପ୍ରଫେସର ଶରତ ଚନ୍ଦ୍ର ସାହୁ ନଡ଼ିଆ ଚାଷ ଉପରେ ଆଲୋଚନା କରିଥିଲେ। ରଘୁନାଥପୁର ଏଏଚ୍‌ଓ ମୋନାଲିସା ପତି ଉଦ୍ୟାନ ବିଭାଗ କାର୍ଯ୍ୟକ୍ରମ ଉପରେ ଅବଗତ କରାଇଥିଲେ। ବିଜେଡି ଏଏଚ୍‌ଓ ପୁଷ୍ପିତା ସାହୁ ଧନ୍ୟବାଦ ଦେଇଥିଲେ।

## ଚାଷୀମାରଣ ନୀତି ବିରୋଧରେ ବିଜେଡିର ପ୍ରତିବାଦ


ବିଜେଡି ନେତା ଓ କର୍ମୀମାନେ ପ୍ରତିବାଦ ଶୋଭାଯାତ୍ରାରେ ଯାଉଛନ୍ତି।

ଜଗତ୍‌ସିଂହପୁର, ୨୧।୨
(ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଶନିବାର ବିଜେଡି ଜଗତ୍‌ସିଂହପୁର ଜିଲ୍ଲା ଶାଖା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ୧୦ ନମ୍ବରରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ମାଧ୍ୟମରେ ଦାବିପତ୍ର ଦିଆଯାଇଥିଲା। ଏହି ଆନ୍ଦୋଳନରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସାଦ ଜେନା, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବିଜେଡି ଉପସଭାପତି ଦୀପ୍ତି କୁମାର ଦାସ, ପାରାଦୀପ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବରିଷ୍ଠ ନେତା ବାପି ସର୍ଖେଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ନୂତନ ଶିକ୍ଷାନୀତିର ଲକ୍ଷ୍ୟ


ତାଲିମ୍ କାର୍ଯ୍ୟକ୍ରମରେ ପ୍ରଶିକ୍ଷକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ରଘୁନାଥପୁର, ୨୧।୨
(ରାଜେନ୍ଦ୍ର ନାରାୟଣ ସିଂହ)

### ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ରଘୁନାଥପୁର ବ୍ଲକ ଚିକିଣିଆସ୍ଥିତ ହେମଲତା ସରକାରୀ ଉପ୍ରା ବିଦ୍ୟାଳୟରେ ପଞ୍ଚଦିନ ବ୍ୟାପି ଚାଲିଥିବା ଶିକ୍ଷକ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସିଆର୍‌ସିସି ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ତାଲିମ କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ୫୨ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ତାଲିମଦାତା ଭାବେ ଡିଆଇଇଟିର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଜ୍ୟୋତ୍ସ୍ନାରାଣୀ ଦାଶ, ସିଆର୍‌ସିସି ଦିଲୀପ କୁମାର ସ୍ୱାଇଁ, ସୋନା ମହାନ୍ତି ଓ ଚତୁର୍ଭୁଜ ନାୟକ ପ୍ରମୁଖ ଯୋଗଦେଇ ନୂତନ ଶିକ୍ଷାନୀତି ଅନୁଯାୟୀ ପାଠ୍ୟକ୍ରମର ରୂପରେଖ ଓ ପଞ୍ଚବିଧି କାର୍ଯ୍ୟ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ। ଚତୁର୍ଥ ଦିବସରେ ଡିଆଇଇଟିର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ହୋଇ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ନୂତନ ଶିକ୍ଷାନୀତିର ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ମଲ୍ଲିକ ପ୍ରକାଶ କରିଥିଲେ। ଏବିଇଓ ଆଶୁତୋଷ ବାନାର୍ଜୀ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରି ପ୍ରଶଂସା କରିବା ସହ ବିଦ୍ୟାଳୟସ୍ତରରେ ଏହାକୁ ସଫଳ ଭାବେ ପ୍ରୟୋଗ କରିବା ପାଇଁ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷକ ନିର୍ମଳେନ୍ଦୁ ସୋମ, ସୁଧୀର କୁମାର ନାୟକ, ବନ୍ଦିତା ଦେଇ, ସନ୍ତୋଷ ଦଳାଇ ଓ ଅଜୟ କୁମାର ସାହୁଙ୍କ ଦ୍ୱାରା ପାଲା ପରିବେଷଣ ମାଧ୍ୟମରେ ପଞ୍ଚବିଧିର ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିୟ କୁମାର ଭୟା, ଶିକ୍ଷକ ଚିତ୍ରସେନ ସାହୁ, ନିର୍ମଳ କୁମାର ସାହୁ ଓ କାଞ୍ଚନବାଳା ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ

ରଘୁନାଥପୁର, ୨୧।୨
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବଜାରସ୍ଥିତ ମଦନମୋହନ ମଠ ପ୍ରାଙ୍ଗଣରେ ଶୁକ୍ରବାର ଅପରାହ୍ନରେ ବ୍ଲକ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଭିନ୍ନ ଦଳ ଛାଡ଼ି ନୂତନ ଭାବେ କଂଗ୍ରେସରେ ଯୋଗଦେଇଥିବା ସୁଶାନ୍ତ କୁମାର ସାହୁ, ଶିବ ସାହୁ, ୱାର୍ଡମେମ୍ବର ଅଚ୍ୟୁତାନନ୍ଦ ଦଳାଇ, ସୁବାସ କୁମାର ରାଟସିଂ, ଶିବ ପ୍ରସାଦ ଦାସ, ବଳରାମ ଭୋଇ, ଚନ୍ଦନ ଭୋଇ, ଶମ୍ଭୁନାଥ ସେନାପତି ଓ ସନ୍ତୋଷ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନୂତନ ଭାବେ ଘୋଷଣା ହୋଇଥିବା ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଚ୍ଛାୟତ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି ଓ ସମ୍ପାଦକ ମନୋରଞ୍ଜନ ଜେନାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ପ୍ରତ୍ୟୁଷ ନାୟକ ସଭା ପରିଚାଳନା କରିଥିବା ବେଳେ ବସନ୍ତ ଦାଶ, ବସନ୍ତ ସ୍ୱାଇଁ, ଅଜୟ ସ୍ୱାଇଁ, ଜିତେନ୍ଦ୍ର ମଲ୍ଲିକ, ବିଭୁ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା, କଲ୍ୟାଣ ଜରୁରୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁର, ୨୧।୨(ପ୍ରମୋଦ କୁମାର ନାୟକ)

ବରିଷ୍ଠ ନାଗରିକମାନେ ଆମ ପାଇଁ ଚିରନମସ୍ୟ। ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ଆମ ସମସ୍ତଙ୍କ କର୍ତ୍ତବ୍ୟ। ଶୁକ୍ରବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଏହା କହିଛନ୍ତି। ସେ କହିଥିଲେ, ସମ୍ପ୍ରତି ସମାଜରେ ଝିଅ, ପୁଅମାନେ ବୃଦ୍ଧ ମାତାପିତାଙ୍କ ଯତ୍ନ ନ ନେଇ ବୃଦ୍ଧାଶ୍ରମରେ ଛାଡ଼ିଦେଉଛନ୍ତି। ସନ୍ତାନମାନେ ସେମାନଙ୍କ ବୃଦ୍ଧ ମା'ବାପାଙ୍କ ପ୍ରତି ଯତ୍ନବାନ୍ ହେବା ଜରୁରୀ। ମା', ବାପା ଓ ବରିଷ୍ଠ ନାଗରିକମାନଙ୍କ ରକ୍ଷଣାବେକ୍ଷଣ, କଲ୍ୟାଣ ପାଇଁ ଆଇନ ଅଛି। ଏହି ଆଇନ ଯେପରି ଠିକ୍‌ଭାବେ କାର୍ଯ୍ୟକାରୀ ହୁଏ ସେଥିପ୍ରତି ଅଧିକାରୀମାନେ ସମ୍ବେଦନଶୀଳ ହେବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଲିଲ ଘୋଷ୍ ଓ ଭଜହରି କର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ତର୍ଜମା କରିଥିଲେ। ଜିଲ୍ଲା ଇ ଶାସନ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ, ସାଇବର ଥାନା ଡିଏସ୍‌ପି ସବିତା ପରିଡ଼ା ସାଇବର ଠକେଇ ଓ ସଚେତନତା ବିଷୟରେ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ରାଜଲକ୍ଷ୍ମୀ ମହାନ୍ତି ବ୍ୟାଙ୍କରେ ବରିଷ୍ଠ ନାଗରିକମାନଙ୍କ ସୁବିଧା ସମ୍ପର୍କିତ ସଚେତନତାର ବାର୍ତ୍ତା ଦେଇଥିଲେ। ସିଏର୍‌ସି ଜିଲ୍ଲା ସଂଯୋଜକ ଦୀପକ ଦାସ ଆୟୁଷ୍ମାନ୍ ଭାରତ ଓ ବୟୋ ବନ୍ଦନା ସ୍ୱାସ୍ଥ୍ୟକାର୍ଡ ସମ୍ବନ୍ଧରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ମହାମଞ୍ଚର ସଭାପତି ନିକୁଞ୍ଜ କିଶୋର ବେହେରା ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇବା ସହ ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ଅତିଥି ପରିଚୟ ଓ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ସକାଳ ୭ଟାରେ ଯୋଗ ଶିବିର, ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

## ସର୍ବସାଧାରଣ ସ୍ଥାନକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ସଚେତନତା


ପ୍ଲାଷ୍ଟିକମୁକ୍ତ ପାଇଁ ସଚେତନତା ବାର୍ତ୍ତା ଦିଆଯାଉଛି।

ପାରାଦୀପ, ୨୧।୨(ଶରତ ରାଉତ)

ପ୍ରଦୂଷଣମୁକ୍ତ ପରିବେଶ ନିମନ୍ତେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମିଳିତ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ମାନବ ସ୍ୱାସ୍ଥ୍ୟ, ପ୍ରାଣୀ ଏବଂ ସାମୁଦ୍ରିକ ଜୀବନ ଉପରେ ଏକକ ବ୍ୟବହାର ପ୍ଲାଷ୍ଟିକର ଭୟାବହତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ଜଗତ୍‌ସିଂହପୁର ଜିଲ୍ଲାର ବାବା ଗୋରେଖନାଥ ମନ୍ଦିର ପରିସରର ଉଭୟ ଫାଟକରେ ଏକକ ବ୍ୟବହାର ପ୍ଲାଷ୍ଟିକ ନିଷେଧ ଉପରେ ବାର୍ତ୍ତା ବହନ କରୁଥିବା ସ୍ଥାୟୀ ସାଇନବୋର୍ଡ ମଧ୍ୟ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ପେଲେଟ ପ୍ଲାଣ୍ଟ, ସ୍ଲରି ପାଇପ୍ ଲାଇନ ଓ ପୋର୍ଟର ମୁଖ୍ୟ ସିଏଚ୍ ହରିପ୍ରସାଦ, ପରିବେଶ ବିଭାଗର ଶୁଭେନ୍ଦୁ କୁମାର ଦାଶ, ଦେବଦତ୍ତ ଦାସ ଏବଂ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଝରର ଆନନ୍ଦପୁରର ଗଡ଼ଚଣ୍ଡୀ ପର୍ଯ୍ୟଟନ ସ୍ଥଳରେ ସପ୍ତାହବ୍ୟାପୀ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆୟୋଜନ କରାଯାଇଛି।

## ପାରାଦୀପ ବନ୍ଦର ପକ୍ଷରୁ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

ପାରାଦୀପ, ୨୧।୨(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତ ଅଧୀନ ସୁବଳା ଗ୍ରାମରେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଏହାର ନାମ ସତ୍ୟସାଇ ନିର୍ମଳ ଝର ରହିଛି। ସତ୍ୟସାଇ ସେବା ଟ୍ରଷ୍ଟର ଉଦ୍ୟମରେ ପାରାଦୀପ ବନ୍ଦର ସିଏସ୍‌ଆର ଅର୍ଥରେ ଏହା କରାଯାଇଛି। ଏହାକୁ ଶନିବାର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ଟ୍ରଷ୍ଟର ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ସ୍ଥାନୀୟ ଗାଁ ମୁରବି ଉପସ୍ଥିତ ଥିଲେ।

## ସରିଲା ଅନ୍ତିମ ପର୍ଯ୍ୟାୟ ପ୍ରବୋଧନ ପ୍ରଶିକ୍ଷଣ

ନାଉଗାଁ, ୨୧।୨(ସୁଧା ବେହୁରା)

ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଡେରିକିସ୍ଥିତ କସ୍ତୁରବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଅନ୍ତିମ ତଥା ତୃତୀୟ ପର୍ଯ୍ୟାୟ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଏହି ଶିବିର ଗତ ୧୬ ତାରିଖରୁ ଆରମ୍ଭ ହୋଇ ୫ଦିନ ଧରି ଚାଲିଥିଲା। ଗଙ୍ଗଦାହାଟ ସିଆର୍‌ସିସି ପୀତାମ୍ବର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ବଡ଼ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ନରେଶ ଚନ୍ଦ୍ର ସାହୁ ଓ ମନୋରଞ୍ଜନ ଦାସ ପ୍ରଶିକ୍ଷଣ ଦେଉଥିବା ବେଳେ ସିଆର୍‌ସିସି ସରୋଜିନୀ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମୋଟ ୪୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରେ ପ୍ରସ୍ତୁତ ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ର ବିଭିନ୍ନ ଦିଗ ସହ ନୂତନ ପାଠ୍ୟପୁସ୍ତକର ସଫଳ ସଞ୍ଚାଳନ ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଶେଷ ଦିବସରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସମାପ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସଡ଼କ ସୁରକ୍ଷା ପାଇଁ ସାମାଜିକ ସଙ୍ଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରଘୁନାଥପୁର, ୨୧।୨
(ରାଜେନ୍ଦ୍ର ନାରାୟଣ ସିଂହ)

କଟକ ପାରାଦୀପ ୯୦ କିମି ରାଜ୍ୟ ରାଜପଥ ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଦୈନନ୍ଦିନ ଏହି ରାସ୍ତାରେ ଶତାଧିକ ଗାଡିମୋଟର ଚଳାଚଳ କରୁଥିବାବେଳେ ଅନେକ ଛୋଟବଡ ଦୁର୍ଘଟଣା ଘଟି ଅକାଳରେ ବହୁ ଧନଜୀବନ ହାନି ହେଉଛି। ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ସାମାଜିକ କର୍ମୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ପରିଚାଳନାରେ ରଘୁନାଥପୁର ବଜାରସ୍ଥିତ ମଦନ ମୋହନ ମଠ ସମ୍ମୁଖରେ କେତେଜଣ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ନେଇ ଅପରାହ୍ନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ସଡ଼କ ସୁରକ୍ଷା ପାଇଁ ଜନ ସଚେତନତାକୁ ଗୁରୁତ୍ୱ ଦିଆଯାଇଥିଲା। ସଡ଼କ ସୁରକ୍ଷା ପାଇଁ ସାମାଜିକ ସଙ୍ଗଠନର ଗୁରୁ ଦାୟିତ୍ୱ ରହିଛି ବୋଲି ମତ ପ୍ରକାଶ ପାଇଥିଲା। ନିଶାସକ୍ତ ତଥା ବିନା ହେଲମେଟ୍‌ରେ ଗାଡ଼ି ଚାଳନା, ବାଇକରେ ଯିବା ସମୟରେ ମୋବାଇଲ ଫୋନ ବ୍ୟବହାର ଓ ଦ୍ରୁତ ଗାଡ଼ିଚାଳନା ଦୁର୍ଘଟଣାର କାରଣ ବୋଲି ଆଲୋଚନା କରାଯାଇଥିଲା। ଏ ନେଇ ପରିବହନ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୋଲିସ ଓ ଟ୍ରାଫିକ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ନେଇ ସାମାଜିକ ସଙ୍ଗଠନ ଜରିଆରେ ସଚେତନାଭିମୁଖୀ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଇଂ.ମଲ୍ଲିକଙ୍କ ସହ ସାମାଜିକ କର୍ମୀ ଆର୍ତ୍ତତ୍ରାଣ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଶିକ୍ଷାବିତ୍ ରମାରଞ୍ଜନ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଆଲୋଚନାରେ ଭାଗନେଇଥିବା ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ।

## ନାଉଗାଁରେ ହିନ୍ଦୁ ସମ୍ମିଳନୀ

ନାଉଗାଁ, ୨୧।୨
(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବାର ପ୍ରବୋଧନ, ପରିବେଶ ସଂରକ୍ଷଣ, ସାମରିକ ସମରସତା, ସ୍ୱଆଧାରିତ ଜୀବନ ଏବଂ ନାଗରିକ କର୍ତ୍ତବ୍ୟବୋଧ ଆଦି ୫ଟି ବିଷୟ ଉପରେ ଜନଜାଗରଣ କରାଯାଇଥିଲା। ସମ୍ମିଳନୀରେ ଚିତ୍ତରଞ୍ଜନ ମହାନ୍ତି, ସହକାରୀ ଶିକ୍ଷକ ନରେଶ ଚନ୍ଦ୍ର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର କୁମାର ବିଶ୍ୱାଳ, ଆରଏସ୍‌ଏସ୍ ଶୈକ୍ଷିକ ମହାସଂଘର ଉପଦେଷ୍ଟା ନିଳୁରାମ ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆରଏସ୍‌ଏସ୍‌ର ପ୍ରାନ୍ତ ପ୍ରଚାରକ ସୁମନ୍ତ କୁମାର ପଣ୍ଡା ଯୋଗ ଦେଇ ହିନ୍ଦୁ ସମାଜକୁ ସଙ୍ଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।

## କଂକ୍ରିଟ୍ ରାସ୍ତା : ମାଟିରେ ମରାମତି

### ନାଉଗାଁ ବ୍ଲକ, କୋକିଡିହ ତେଲସରା ରାସ୍ତାରେ ନିମ୍ନମାନର କାମ

ନାଉଗାଁ, ୨୧।୨(ସୁଧା ବେହୁରା)


କଂକ୍ରିଟ୍ ରାସ୍ତା ଉପରେ ମାଟି ପକାଯାଇଛି।

ଗାଁଗୁଡ଼ିକର ବିକାଶ ପାଇଁ ସରକାର ଗମନାଗମନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏନେଇ ସରକାରୀ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ଅନେକ ସମୟରେ ନିମ୍ନମାନର କାମ ଯୋଗୁ ଏହାର ଲାଭ ଗ୍ରାମବାସୀଙ୍କୁ ମିଳିପାରୁନାହିଁ। ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଡିହ-ତେଲସରା ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ବିଭାଗ ପକ୍ଷରୁ ଏହି ରାସ୍ତାର ମରାମତି କାର୍ଯ୍ୟ ଜାରି ରହିଛି। ଏହି ରାସ୍ତାର ଅନେକ ସ୍ଥାନରେ କଂକ୍ରିଟ ନଷ୍ଟ ହୋଇଯାଇଥିବା ବେଳେ କେଉଁଠି ପିଚୁ ମଧ୍ୟ ଉଠିଯାଇଛି। ତେବେ ଉକ୍ତ ରାସ୍ତାର ବାଲିସାହି ନିକଟରେ କଂକ୍ରିଟ ମରାମତି ପାଇଁ ତା ଉପରେ ମାଟି ପକାଯାଉଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତା ନିର୍ମାଣ ପରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଟି ପକାଇବା ଯୋଗୁ ଯାନବାହନ ଯାତାୟାତରେ ଅସୁବିଧା ହେବାର ଆଶଙ୍କା ରହିଛି। ଏଥିସହ ବର୍ଷା ହେଲେ ଉକ୍ତ ମାଟି କାଦୁଅରେ ପରିଣତ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ରାସ୍ତା ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହୋଇଥିବା ବେଳେ ପ୍ରତ୍ୟହ ଏହି ବାଟଦେଇ ବିଭିନ୍ନ ସ୍ଥାନକୁ ଯାତ୍ରୀବାହୀ, ମାଲବାହୀ ଗାଡ଼ି ଚାଲେ। ତେଣୁ ଉକ୍ତ କଂକ୍ରିଟ ଉପରେ ମାଟି ନ ପକାଇ ଠିକ୍ ଭାବେ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ବିଭାଗୀୟ ଏସ୍‌ଡିଓ ଅଶୋକ ଜେନାଙ୍କ ସହ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ସିଡିଏମ୍‌ଓଙ୍କ ତାଗିଦ ପରେ ବି ସୁଧୁରୁନି ଅବସ୍ଥା

## ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର




**ବରୀ,୨୧।୨(ମହେନ୍ଦ୍ର ସ୍ୱାଇଁ):**

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବରୀ ବ୍ଲକର ମୋଟ ୨୯ ପଞ୍ଚାୟତ ମଧ୍ୟରୁ ୨୫ପଞ୍ଚାୟତର ଜନସାଧାରଣ ନିର୍ଭର କରୁଛନ୍ତି। ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସବ୍ୟସାଚୀ ଦାସ ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟଦର୍ଶାଇ ଅନୁପସ୍ଥିତ ରହିବା ଯୋଗୁ ଅନ୍ୟ ଡାକ୍ତରମାନେ ପାଳି କରି ଡ୍ୟୁଟି କରୁଛନ୍ତି। ଫଳରେ ଚିକିତ୍ସା ସେବା ପ୍ରଭାବିତ ହେଉଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ବିଜୟ କୁମାର ମିଶ୍ର ୦୬।୦୨।୨୦୨୬ରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ଅଭିଯୋଗଗୁଡ଼ିକର ସତ୍ୟତା ଅନୁଭବ କରିବା ସହ ଡାକ୍ତରଙ୍କ ସମେତ ମୋଟ ୭ ଜଣଙ୍କ ଦରମା ବନ୍ଦ କରିଥିଲେ। ଏଥିସହିତ ଆଗାମୀ ଦିନରେ କୌଣସି କର୍ମଚାରୀ ଯେଭଳି କର୍ତ୍ତବ୍ୟରେ ଅବହେଳା ନ କରନ୍ତି ସେ ନେଇ ତାଗିଦ କରିଥିଲେ। ବିଶେଷ କରି କେଉଁ ଦିନ କେଉଁ ଡାକ୍ତର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବେ ସେମାନଙ୍କ ନାମ ତାଲିକା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ଫଳକ ମାଧ୍ୟମରେ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ତଃ ବିଭାଗରେ ଚିକିତ୍ସିତ ରୋଗୀଙ୍କୁ ଖାଦ୍ୟ ଯୋଗାଣ ସହ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ସେବା ଯୋଗାଇ ଦେବାକୁ ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତାଗିଦ ଏଠାରେ କାର୍ଯ୍ୟକରୀ ହୋଇପାରୁନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ମନମୁଖୀ କାର୍ଯ୍ୟ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ରୋଗୀ ପ୍ରାଥମିକ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଫଳରେ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ଡାକ୍ତରଙ୍କ ଅନୁପସ୍ଥିତି, ଦୂଷିତ ପରିବେଶ, ନିରାମୟ ଯୋଜନାରେ ଠିକ ଔଷଧ ବଣ୍ଟନ ନ ହେବା ଓ ଆମ୍ବୁଲାନ୍ସ ଅଭାବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଏଠାରେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବାକୁ ବରୀ ଡାକବଙ୍ଗଳାଠାରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ହେଲେ ତାହା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଦାସଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

### ଏମାନେ କୁହନ୍ତି...



“ମୁଁ ବିଧାୟକ ଥିବା ସମୟରେ ଟାଟା ଷ୍ଟିଲରୁ ଅନୁଦାନ ଆଣି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିଥିଲି। ସେ ସମୟରେ ଟାଟା ଷ୍ଟିଲର ଏମଡି ଉପସ୍ଥିତ ରହି ଉନ୍ନତ ସେବା ଯୋଗାଇ ଦେବାପାଇଁ ଏଠାରେ ଅଧିକ ଅର୍ଥ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ସେବା ବାଧାପ୍ରାପ୍ତ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ବର୍ତ୍ତମାନର ଲୋକପ୍ରତିନିଧିଙ୍କର। ସେମାନେ ଏହାର ଉନ୍ନତି ପାଇଁ ଚେଷ୍ଟା କରିବା ଆବଶ୍ୟକ।

**–ଦେବାଶିଷ ନାୟକ, ପୂର୍ବତନ ବରୀ ବିଧାୟକ**



“ରୋଗୀଙ୍କ ମୌଳିକ ସୁବିଧା ପାଇଁ କୌଣସି ଦଳର ରାଜନେତାଙ୍କ ଆନ୍ତରିକତା ନାହିଁ। ତେଣୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତିରେ ବାଧା ସୃଷ୍ଟି ହେଉଛି। ସରକାର ଏଥିପ୍ରତି ପଦକ୍ଷେପ ନେବାଉଚିତ।

**–ନିମାଇଁ ରାୟ, ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ**



“ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତାଗିଦ ପରେ ବି ଅବସ୍ଥାରେ କୌଣସି ସୁଧାର ଆସିପାରିନାହିଁ। ଏହାବରୀ ଅଞ୍ଚଳ ଜନସାଧାରଣଙ୍କ ପାଇଁ ଏକ ଦୁର୍ଭାଗ୍ୟ। ଉଚ୍ଚ ପର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ଦେବା ଆବଶ୍ୟକ।

**–ବିବେକାନନ୍ଦ ନାଥଶର୍ମା, ସାମାଜିକ କର୍ମୀ**

# ଓଲାଶୁଣୀ ପାହାଡ଼ରେ ନିଆଁ



ଜଙ୍ଗଲରେ ନିଆଁ ଜଳୁଛି।

**ଚଣ୍ଡିଖୋଲ,୨୧।୨ (ପ୍ରଦୀପ୍ତ କୁମାର ପୃଷ୍ଟି):**

## ଜଳିଗଲା ବ୍ୟାପକ ଗଛ

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣୀ ଗୁମ୍ଫା ପାହାଡ଼ରେ ନିଆଁ ଲାଗି ବ୍ୟାପକ ଗଛଜଳିଗଲାଣି। ୪ଦିନ ହେବ ବାରମ୍ବାର ନିଆଁ ଲାଗୁଥିବାବେଳେ ଜଙ୍ଗଲ ବିଭାଗ କିମ୍ବା ଦମକଳ ବାହିନୀ ନିଆଁ ଲିଭାଇବାରେ ସଫଳ ହୋଇ ପାରିନାହାନ୍ତି। ତେବେ କେଉଁଠାରୁ ନିଆଁଲାଗୁଛି ତାହା ଜଣା ପଡୁନାହିଁ। ସୂଚନା ଅନୁଯାୟୀ, ଓଲାଶୁଣୀ ପାହାଡ଼ର ଶୁଖୁଆପଡ଼ା ପଟରୁ ଏହି ନିଆଁ ପ୍ରଥମେ ବୁଧବାର ଲାଗିବା ଆରମ୍ଭ ହୋଇଥିଲା। ଧୀରେଧୀରେ ନିଆଁ ବ୍ୟାପିଥିଲା। ବଡ଼ବଡ଼ ଗଛମୂଳେ ଶୁଖିଲା ପତ୍ର ଗଦା ହୋଇଥିବାରୁ ନିଆଁ ଲାଗି ଯାଉଛି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ନାହିଁ, କିନ୍ତୁ ଏବେ ଏକର ଏକର ପରିମିତ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ କ୍ଷତି ହେଉଛି। ଦୈନିକ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରୁଥିବାବେଳେ ପରଦିନ ପୁଣି ନିଆଁ ଲାଗିଯାଉଛି। କେହି ନିଆଁଲଗାଇ ଦେଉଥିବାନେଇ ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଦୈନିକ ଏଠାକୁ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ନିଆଁକୁ ଦେଖି ଭୟଭୀତ ହେଉଛନ୍ତି। ତେଣୁ ତୁରନ୍ତ ନିଆଁ ଆୟତ୍ତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ମାନସିକ ଭାରସାମ୍ୟ ହରାଇ ମହିଳାଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର,୨୧।୨(ରାମକୃଷ୍ଣ ଦାସ):**

## କବାଟ ତାଡ଼ି ମୃତଦେହ ଜବତକଲା ପୋଲିସ

ଯାଜପୁର ଜିଲା ଅଳକୁଣ୍ଡ ଥାନା ଅଧୀନ କପିଳା ଗ୍ରାମର ଜଣେ ମହିଳା ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ସତ୍ୟବ୍ରତ ପଣ୍ଡାଙ୍କ ସ୍ତ୍ରୀ ସନ୍ତୋଷୀ। ଶନିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ଏହିଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ସୂଚନା ମୁତାବକ, କପିଳା ଗ୍ରାମର ରମାକାନ୍ତ ପଣ୍ଡାଙ୍କ ସାନପୁଅ ସତ୍ୟବ୍ରତ ସୁଦୂର ନାଗାଲାଣ୍ଡର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟକରନ୍ତି। ଶାଶୁଶ୍ୱଶୁରଙ୍କ ନିକଟରେ ସତ୍ୟବ୍ରତଙ୍କ ସ୍ତ୍ରୀ ସନ୍ତୋଷୀ ରହୁଥିଲେ। ସନ୍ତୋଷୀ ୮ଦିନ ତଳେ ସ୍ୱାମୀଙ୍କ ସହ ଫୋନରେ କଥା ହୋଇଥିଲେ। ଏହାପରେ ସନ୍ତୋଷୀ ସବୁବେଳେ ଚିନ୍ତାରେ ରହୁଥିଲେ। ସତ୍ୟବ୍ରତ ମଧ୍ୟ ଆଉ ସନ୍ତୋଷୀଙ୍କୁ ଫୋନ କରୁ ନ ଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସନ୍ତୋଷୀ ଶୁକ୍ରବାର ସନ୍ଧ୍ୟାରେ ନିଜର ୨ବର୍ଷର ଶିଶୁପୁତ୍ରକୁ ଶାଶୁଶ୍ୱଶୁରଙ୍କ ନିକଟରେ ଛାଡ଼ି ଶୋଇବାକୁ ଯାଇ ଘର ଭିତର ପଟୁ କବାଟକିଳି ଦେଇଥିଲେ। କିଛି ସମୟପରେ ପୁଅକୁ ଛାଡ଼ି ବୋହୂ କୁଆଡ଼େ ଗଲା ବୋଲି ଶାଶୁଶ୍ୱଶୁର ଡାକିବାରୁ ସନ୍ତୋଷୀ ଆଉ ଶୁଣି ନ ଥିଲେ। ସନ୍ତୋଷୀଙ୍କ ଶୋଇବା ଘର କବାଟ ଭିତର ପଟୁ ବନ୍ଦଥିଲା। ଏହାପରେ ଝରକା ବାଟେ ଶାଶୁଶ୍ୱଶରୁ ବୋହୂଙ୍କୁ ଫ୍ୟାନରେ ଝୁଲୁଥିବା ଦେଖି ଅଳକୁଣ୍ଡ ପୋଲିସ ଓ ତାଙ୍କ ବାପଘରକୁ ଜଣାଇଥିଲେ। ଖବର ପାଇ ପୋଲିସ ଓ ସନ୍ତୋଷୀଙ୍କ ବାପଘର ଲୋକେ ପହଞ୍ଚିଥିଲେ। ଏହାପରେ ସନ୍ତୋଷୀଙ୍କ ବାପା ରତିକାନ୍ତ ପଣ୍ଡା ମାନସିକ ନିର୍ଯାତନା ସହ ତାଙ୍କ ଝିଅଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରାଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରତିକାନ୍ତଙ୍କ ଅଭିଯୋଗ ପରେ ପୋଲିସ ସନ୍ତୋଷୀଙ୍କ ଶୋଇବାଘରକୁ ସିଲ୍ କରିବା ସହିତ ରାତି ହୋଇଯାଇଥିବାରୁ ଘଟଣାସ୍ଥଳରେ ୨ କନଷ୍ଟେବଳ ମୁତୟନ କରାଯାଇଥିଲା। ଶନିବାର ପୂର୍ବାହ୍ନରେ ଅଳକୁଣ୍ଡ ଥାନାଧିକାରୀ ବିଭୁପ୍ରସାଦ ରାଉତ, ମାଜିଷ୍ଟ୍ରେଟ ବିଞ୍ଝାରପୁର ତହସିଲଦାର ସାରସ୍ୱତ ସାହୁ, ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ ଓ ସାଇଣ୍ଟିଫିକ ତଦନ୍ତକାରୀ ଟିମ୍‌ଙ୍କ ଉପସ୍ଥିତିରେ ସନ୍ତୋଷୀଙ୍କ ଶୋଇବାଘର କବାଟ ତାଡ଼ି ମୃତଦେହ ବାହାର କରାଯାଇଥିଲା। ଅଭିଯୋଗ ଉପରେ ଏକ ମାମଲା ନଂ.୨୮।୨୬ ରୁଜୁ ହୋଇଛି। ୨୦୨୨ ଡିସେମ୍ବରରେ ଯାଜପୁର ଥାନା ଅଧୀନ ବାଲିଆ ଗ୍ରାମର ରତିକାନ୍ତଙ୍କ ଝିଅ ସନ୍ତୋଷୀଙ୍କ ସହ ସତ୍ୟବ୍ରତଙ୍କ ବୈଦିକମତେ ବିବାହ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ କିରଣ


@ ମାନସ


@ ସରୋଜ


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କରଜ ଶୁଝିବା ଚିନ୍ତାରେ ଟଳିପଡ଼ିଲେ ଚାଷୀ

**ଚଣ୍ଡିଖୋଲ,୨୧।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

## ଚିନାବାଦାମ, ପୋଟଳ ଚାଷରେ କ୍ଷତି



କରଜ ସୁଝିବା ଚିନ୍ତାରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ବରପଦା ପଞ୍ଚାୟତ ନିଆଳି ଗ୍ରାମର ଚାଷୀ ବିଦ୍ୟାଧର ମଲ୍ଲିକ(୪୮) ଶୁକ୍ରବାର ବିଲରେ କାମ କରୁଥିବାବେଳେ ଟଳି ପଡ଼ିଛନ୍ତି। ସେ ବିଲରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

ବିଦ୍ୟାଧର ଦେଢ଼ ଏକର ଜମିରେ ଚିନାବାଦାମ ଓ ୧୦ ଗୁଣ୍ଠ ଜମିରେ ପୋଟଳ ଚାଷ କରିଥିଲେ। ଏଥିପାଇଁ ପାଖାପାଖି ୮୦/୯୦ ହଜାର ଟଙ୍କା କରଜ କରି ଖର୍ଚ୍ଚ କରିଥିଲେ। ନିଜ ଜମି ନ ଥିବାରୁ ଭାଗଚାଷ କରିଥିଲେ ବିଦ୍ୟାଧର। ଚିନାବାଦାମ ସବୁ କାଳିମୁଣ୍ଡି ପୋକ ଖାଇ ନଷ୍ଟ କରିଦେଇଛନ୍ତି। ବର୍ଷା ନଥିବାରୁ ଗଛସବୁ ଝାଉଁଳି ମରିବାକୁ ବସିଲାଣି। ସେହିପରି ପୋଟଳର ମଧ୍ୟ ଏପର୍ଯ୍ୟନ୍ତ ଫଳ ଆସୁନାହିଁ। ଚଳିତ ବର୍ଷ ପ୍ରବଳ ଶୀତପାଇଁ ପୋଟଳ ଲତାମାଡ଼ି ପାରିନାହିଁ। ବର୍ତ୍ତମାନ ବଜାରରେ ପୋଟଳ କିଲୋ ୨୦୦ ଟଙ୍କା ଥିବା ବେଳେ ବିଲରୁ କିଲେ ବି ଫଳ ବାହାରୁନାହିଁ। ଚିନାବାଦାମ ନଷ୍ଟ ହେବା, ପୋଟଳ ନ ବାହାରିବା କାରଣରୁ ବିଦ୍ୟାଧର ଚିନ୍ତାରେ ଥିଲେ। କରଜ କରିଥିବା ଟଙ୍କା କିପରି ଶୁଝିବେ, ଜମି ମାଲିକଙ୍କ ଟଙ୍କା କିପରି ଦେବେ ସେହି ଚିନ୍ତାରେ ବିଦ୍ୟାଧର ବହୁ ସମୟ ରହୁଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଏହି ଖବର ପାଇ ଶନିବାର ବଡ଼ଚଣା ବ୍ଲକ କଂଗ୍ରେସ ସଭାପତି ଚିନ୍ମୟ ପ୍ରଧାନ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ମାନସ ସ୍ୱାଇଁ, ଶ୍ରୀକାନ୍ତ ମଲ୍ଲିକ, ସୁମନ୍ତ ଜେନା ପ୍ରମୁଖ ବିଦ୍ୟାଧରଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ପ୍ରଦାନ କରିବା ସହ ସରକାରଙ୍କ ନିକଟରେ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି କହିଛନ୍ତି, ଚିନାବାଦାମ ଚାଷ ପୋକ ଲାଗି ସମ୍ପୂର୍ଣ୍ଣ କ୍ଷତି ହୋଇଥିବାନେଇ ଯାଜପୁର ଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ସେ କର୍ଣ୍ଣପାତ କରି ନ ଥିଲେ।

# ସୁକିନ୍ଦାଗଡ଼ ରାଣୀଙ୍କ ପରଲୋକ

**ସୁକିନ୍ଦା,୨୧।୨(ସତ୍ୟଜିତ ଦାଶ):**

ସୁକିନ୍ଦାଗଡ଼ର ରାଣୀ ସ୍ମୃତିମଞ୍ଜରୀ ଦେବୀଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। କିଛି ମାସ ଧରି ସେ ରୋଗାକ୍ରାନ୍ତ ଥିଲେ। ଗତ ୫ ତାରିଖରୁ ସେ କଳିଙ୍ଗନଗରସ୍ଥିତ ଟାଟା ମେଡିକାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ରାଣୀଙ୍କ ଦେହ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ମୃତ୍ୟୁପରେ ରାଣୀଙ୍କ ମରଶରୀରଙ୍କୁ ସୁକିନ୍ଦା ଅଣାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରମଣୀ ରଞ୍ଜନ ବଳସାମନ୍ତ ଓ ବରିଷ୍ଠ ଭାଜପା ନେତା ଯାତ୍ରାକର ଜେନା ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଧିବାସୀ ଶେଷ ଦର୍ଶନ କରିବାପରେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାମୀ ତଥା ସୁକିନ୍ଦାଗଡ଼ ରାଜା ଭୁଦେବ



ଭୂପତି ହରିଚନ୍ଦନ ମହାପାତ୍ର, ଯୁବରାଜ ଅନିଲ ସିଂଦେଓ, କିଶୋର ସିଂଦେଓ, ଅପରାଜିତା ସିଂଦେଓଙ୍କ, ସାନୁ ସିଂଦେଓଙ୍କ ସମେତ ପରିବାର ବର୍ଗଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ବୁଣାକାରଙ୍କ ଦକ୍ଷତା, ରୋଜଗାର ବୃଦ୍ଧି ଲକ୍ଷ୍ୟ

## କେନ୍ଦ୍ରୀୟ ରେଶମ ବୋର୍ଡ ପକ୍ଷରୁ ବୁଣାକାର ପ୍ରଶିକ୍ଷଣ ଶିବିର

**ରସୁଲପୁର,୨୧।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗାଁରେ କେନ୍ଦ୍ରୀୟ ରେଶମ ବୋର୍ଡ ପକ୍ଷରୁ ବୁଣାକାରଙ୍କ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଣାକାରଙ୍କ ଦକ୍ଷତା, ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ, ରୋଜଗାର ପନ୍ଥା ଆଦି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇ ଏଭଳି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। କୋଷାରୁ ସୂତା ଉତ୍ପାଦନ କରିବାଠାରୁ ରେଶମ ବସ୍ତ୍ର ଉତ୍ପାଦନ ଉପରେ ୨୫ଦିନିଆ ତାଲିମ ଶିବିର, ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ, ୭୫ ଶତକଡ଼ା ରିହାତିରେ ବୁଣାବୁଣିରେ ବ୍ୟବହୃତ ହେଉଥିବା ଯନ୍ତ୍ରାଂଶ ଯୋଗାଇ ଦିଆଯିବା ସମ୍ପର୍କରେ ଶିବିରରେ ସୂଚନା ପ୍ରଦାନ କରାଯାଇଛି।

ସାଇ ଈଶ୍ୱର ଆମା ପ୍ରତ୍ୟୁଷର କମ୍ପାନୀ ପକ୍ଷରୁ ଆୟୋଜିତ ଶିବିରରେ ଓଡ଼ିଶା ବୁଣାକାର ମହାସଂଘର ସଭାପତି ଶ୍ରୀଧର ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରଶିକ୍ଷକଭାବେ କେନ୍ଦ୍ରୀୟ ରେଶମ ବୋର୍ଡ ପକ୍ଷରୁ କଟକ ବୟନ ମଣ୍ଡଳର ଦାୟିତ୍ୱରେ ଥିବା ସାଇଣ୍ଟିଷ୍ଟ ଅମ୍ରିତା ନାଏକ, କେନ୍ଦ୍ରୀୟ ଟସର ଅନୁସନ୍ଧାନ ଓ ତାଲିମ ସଂସ୍ଥା–ରାଞ୍ଚିର ବୈଜ୍ଞାନିକ ଆଶୁ କୁମାର ଯୋଗଦେଇ ବୁଣାକାରଙ୍କୁ ବୁଣାବୁଣି କାର୍ଯ୍ୟର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱଳ୍ପ ସମୟରେ ଅଧିକ ଉତ୍ପାଦନକ୍ଷମ ହେବାନେଇ ବୁଣାକାରଙ୍କୁ କି ପ୍ରକାର ଉପାୟ ଅବଲମ୍ବନ କରିବାକୁ ହେବ ସେ ଦିଗରେ ତଥ୍ୟ ରଖିଥିଲେ। ଟସରରୁ ସୂତା ବାହାର କରିବାର ପରବର୍ତ୍ତୀ ଅବସ୍ଥାରେ ତା’ର ବିଭିନ୍ନ ସୋପାନର ବ୍ୟବହାର ସମ୍ପର୍କରେ ଚିତ୍ର ମାଧ୍ୟମରେ ଜ୍ଞାନକୌଶଳ ଆଦିକୁ ପ୍ରଦର୍ଶନ କରାଯାଇଥିଲା। ବୁନିୟାଦ ଓ ଉନ୍ନତି ରିଲିଂ ମେଶିନ ଜରିଆରେ ଟସର ରିଲିଂ ବୃଦ୍ଧି ଘଟାଇବା ଉପରେ ଗୁରୁତ୍ୱ ଦେଇ ସେମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବୁଣାକାର ନେତା ଚତୁର୍ଭୁଜ ଦାସ ବୁଣାକାରଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ କେନ୍ଦ୍ରୀୟ ରେଶମ ବୋର୍ଡ ପକ୍ଷରୁ ବୁଣାକାରଙ୍କ ହିତ ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଭାପତି ବେହେରା ବୁଣାକାର ଓ ସମିତିର ଆବଶ୍ୟକତା, ଦ୍ରବ୍ୟ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ, ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ଓ ବୁଣାକାର୍ଯ୍ୟରେ ବ୍ୟବହୃତ ହେଉଥିବା ମେଶିନକୁ ରିହାତି ଦରରେ ବୁଣାକାରଙ୍କୁ ଯୋଗାଇ ଦିଆଗଲେ ସେମାନଙ୍କ ଦୈନିକ ପାରିଶ୍ରମିକରେ ବୃଦ୍ଧି ଘଟିପାରିବ ବୋଲି ଦାବି ଉପସ୍ଥାପନ କରିଥିଲେ। ଶିବିରରେ ୬୦ ମହିଳା ବୁଣାକାର ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ବିପିନ ବିହାରୀ ଚାନ୍ଦ ଧନ୍ୟବାଦ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

# ଅଳଭା, ନୀଳକଣ୍ଠପୁରରେ ବାଲି ଖନନ ଉପରେ କାର୍ଯ୍ୟାନୁଷ୍ଠାନ

## ୧୬୩ ଧାରା ଜାରି

ପଟ୍ଟାମୁଣ୍ଡାଇ, ୨୧।୨(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଅଳଭା ଓ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରୁ ଚୋରା ବାଲି ଖନନ ଉପରେ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଚାଲାଣକାରୀଙ୍କ ଉପରେ ଚଢ଼ାଉ, ଯନ୍ତ୍ରପାତି ଜବତ ଏବଂ ଜରିମାନା ଆଦାୟ କରାଯାଉଛି। ଏନେଇ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ ଦ୍ୱାରା ଉକ୍ତ ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୬୩ ଜାରି କରାଯାଇଛି। ଏହା ଅନୁଯାୟୀ ଅନୁମତି ବିନା ଖନନ, ଯାତାୟାତ ଓ ସମାବେଶ ଉପରେ କଡ଼ା ନିଷେଧ ଲାଗୁ ହୋଇଛି। ନିୟମ ଉଲ୍ଲଂଘନ କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ଏହି ଅଭିଯାନ



ବାଲି ଖନନ କରାଯାଉଛି।

ଜାରି ରହିଛି, ଫଳରେ ନଦୀର ସ୍ଥିତି ଏବଂ ଆଖପାଖ ଅଞ୍ଚଳ ସୁରକ୍ଷିତ ରହିପାରିବ ବୋଲି ଶନିବାର କେନ୍ଦ୍ରାପଡ଼ା ଖଣି ବିଭାଗ, ପଟ୍ଟାମୁଣ୍ଡାଇ ତହସିଲ ଓ ଆଦର୍ଶ ଥାନା ପକ୍ଷରୁ ଚଢାଉ କରାଯାଇଥିଲା। ଏଥିନେଇ ଅସ୍ଥାୟୀ ରାସ୍ତାଗୁଡ଼ିକୁ ଭଙ୍ଗି ଦିଆଯାଇଥିବା ସୂଚନା ମିଳିଛି। ଏହା ଫଳରେ ଚୋରା ବାଲି ପରିବହନ ଉପରେ ରୋକ୍ ଲାଗିଛି।

ମାତ୍ର ଅମୃତମଣୋହି ବାଲି ଖାଦାନକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଅମୃତମଣୋହି ଗ୍ରାମବାସୀ ଜାନୁଆରି ୫ରେ ପଟ୍ଟାମୁଣ୍ଡାଇ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ହେଲେ ଅଦ୍ୟାବଧି ଚୋରା ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ଫଳରେ ବାଲି ଚୋରା ଚାଲାଣକାରୀ ରୀତିମତ ଟ୍ରାକ୍ଟର ଏବଂ ହାଇୱା ଓ ଜେସିବି ଦ୍ୱାରା ବାଲି ଉଠାଇ ଚାଲାଣ କରି ଆସୁଛନ୍ତି। ଫଳରେ ଅମୃତମଣୋହି ଓ ଅଣ୍ଡରା ରାସ୍ତାର ଅବସ୍ଥା ଶୋଚନୀୟ ହେଇ ପଡିଛି । ଯେଉଁ ସବୁ ବାଲି ସୌରାତ ଲିଜ୍ ଅଛି ସେହି ସବୁ ସୌରାତରେ ଧାର୍ଯ୍ୟ ସୀମାଠାରୁ ଶହେ ଗୁଣ ବାଲି ବେଆଇନ ଭାବେ ଉଠାଣ କରାଯାଉଛି। ନିଲାମ ଦିଆଯାଇଥିବା ଘାଟରୁ ଏକ ମିଟର ବାଲି ଉତ୍ତୋଳନ ହୋଇନଥିବା ବେଳେ ଆଖପାଖ ଉତ୍ସରୁ ଆଖିବୁଜା ବାଲି ଉତ୍ତୋଳନ କରାଯାଉଛି। ଫଳରେ ଜୀବନରେଖା ସାଜିଥିବା ବ୍ରାହ୍ମଣୀନଦୀ ସଂକଟ ଦେଇ ଗତି କରୁଛି। ନଦୀର ଦୁଇ ପାର୍ଶ୍ୱରେ ଥିବା ଶତାଧିକ ଚାଷଜମି ପାଇଁ ପ୍ରତିବନ୍ଧକ ସାଜିଛି। ବିଗତବର୍ଷ ହେଲା ନଦୀକୂଳରେ ଚାଷ କରିବାକୁ ଚାଷୀମାନେ ଆଉ ମନବଳାଉ ନାହାନ୍ତି। ମାତ୍ର ପ୍ରଶାସନ ଶନିବାର ଅଳଭା ଓ ନୀଳକଣ୍ଠପୁର ବାଲି ଘାଟ ବନ୍ଦ କରିଥିବା ବେଳେ ଅନ୍ୟ ବାଲି ଘାଟ ଉପରେ କାର୍ଯ୍ୟାନୁଷ୍ଠଅନ ନିଆ ଗଲାନି କଣପାଇଁ ବୋଲି ପ୍ରଶ୍ନ ଉଠାଇଛନ୍ତି।

## ଓଡ଼ିଶା ଫେରିଲେ ଥାଇଲାଣ୍ଡରେ ଫସିଥିବା ୪ ଓଡ଼ିଆ ଯୁବକ



ଥାଇଲାଣ୍ଡରୁ ଉଦ୍ଧାର ପରେ ଓଡ଼ିଶା ଫେରିଥିବା ୪ ଯୁବକ।

ଭୁବନେଶ୍ୱର,୨୧।୨(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣଙ୍କୁ ଶନିବାର ଓଡ଼ିଶାକୁ ଫେରାଇ ଅଣାଯାଇଛି। ସେମାନେ ହେଲେ ଜୟନ୍ତ କୁମାର ମଲ୍ଲିକ, ହେମନ୍ତ କୁମାର ବେହେରା, ମନରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ। କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରୁ ୬ଜଣ ଯୁବକ ୨୦୨୫ ଅଗଷ୍ଟରେ ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇ ଫସି ରହିଥିଲେ। କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉ ନ ଥିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ସାମାଜିକ ଗଣମାଧମରେ ଅଭିଯୋଗ କରିବା ସହ ଗାଁକୁ ଫେରି ଆସିବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଖବର ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ପ୍ରଶାସନର ମିଳିତ ସହଯୋଗରେ ୪ଜଣ ଓଡ଼ିଆ ଯୁବକଙ୍କୁ କମ୍ପାନୀ କର୍ତ୍ତୃପକ୍ଷଙ୍କ କବଳରୁ ଉଦ୍ଧାର ପରେ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଓଡ଼ିଶାକୁ ଫେରିବାପରେ ଯୁବକମାନେ ସମସ୍ତ ସହାୟତା ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିକଶିତ ଭାରତ ଯୁବ ସଂସଦ ୨୫ରେ

କେନ୍ଦ୍ରାପଡା, ୨୧।୨ (ଜଗନ୍ନାଥ ଧଳ)

ଏନ୍ଏସ୍ଏସ୍ ୟୁନିଟ ଓ ମାଇଁ ଭାରତ ପକ୍ଷରୁ ଆସନ୍ତା ୨୫ରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ କେନ୍ଦ୍ରାପଡା ସହର ତିନିମୁହାଣୀସ୍ଥିତ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ମହାବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଆଦ୍ୟରଶ୍ମୀ ମହାପାତ୍ର, ପୂର୍ବତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର, ମାଇଁ ଭାରତ କାର୍ଯ୍ୟକ୍ରମ ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଏହି ସମ୍ମିଳନୀରେ ଯୁବ ସଂସଦ ସମ୍ପର୍କରେ ତଥ୍ୟ ରଖିଥିଲେ ।

ସେମାନେ ସୂଚନା ଦେଇଥିଲେ, ଏଥିରେ ବିଭିନ୍ନ ମହାବିଦ୍ୟାଳୟର ୨୦୦ରୁ




କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଓ ବିଭିନ୍ନ ସଂଗଠନର ଯୁବବର୍ଗ ଭାଗ ନେବାକୁ ବ୍ୟବସ୍ଥା ରହିଛି । ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିକଶିତ ଭାରତର ରୂପରେଖ ସମ୍ପର୍କରେ ଯୁବବର୍ଗଙ୍କ ମଧ୍ୟରେ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀ ରାଜ୍ୟସ୍ତରରେ ଭାଗ ନେବେ। ରାଜ୍ୟସ୍ତରର କୃତି ପ୍ରତିଭାଙ୍କୁ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ମିଳିବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ସମ୍ମିଳନୀକୁ ଅଧ୍ୟାପିକା ରୁକ୍ମଣୀ ସାହୁ, ମନୋରଞ୍ଜନ ରାଉତ, ମାଇଁ ଭାରତର କର୍ମୀ ଲକ୍ଷ୍ମୀକାନ୍ତ ଜେନା, କର୍ମଚାରୀ ଆଶୋକ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା,୨୧।୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ପଳସିଙ୍ଗାସ୍ଥିତ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜନ୍ମଦିନ ଓ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଶିକ୍ଷା କେନ୍ଦ୍ର କର୍ମକର୍ତ୍ତା ମୁରଲୀଧର ବେହେରା ଅଧକ୍ଷତା କରିଥିଲେ । ଶିକ୍ଷାବିତ୍ କେଶବ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ନୟନା ବେହେରା, ଶିକ୍ଷାବିତ୍ ରତ୍ନାକର ଦାସ, ଭଗବାନ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ପ୍ୟାରିସ୍‌ରେ ୧୮୭୮ ଫେବୃଆରୀରେ ଜନ୍ମିତ ଶ୍ରୀମା ଅରବିନ୍ଦ ୧୯୧୪ରେ ଭାରତର ପଣ୍ଡିଚେରୀରେ ପହଞ୍ଚିଥିଲେ। ସେଠାରେ ଭାରତୀୟ ଦର୍ଶନ ଶାସ୍ତ୍ର ଅଧ୍ୟୟନ ସହ ନିଜକୁ ଅଧ୍ୟାତ୍ମବାଦରେ ପରିପୂର୍ଣ୍ଣ କରିଥିଲେ। ୧୯୨୬ରେ ଆଶ୍ରମ ପ୍ରତିଷ୍ଠା ସହ ଶିକ୍ଷାକୁ ଅଧ୍ୟାତ୍ମବାଦ ସହ ଯୋଡ଼ିଥିଲେ। ତାଙ୍କ ପ୍ରଦର୍ଶିତ ମାର୍ଗକୁ ପ୍ରଶସ୍ତ ପାଇଁ ଦେଶର ବିଭିନ୍ନ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଚାଲୁଛି। ଶ୍ରୀମାଙ୍କ ମତ ଅନୁଯାୟୀ, ଶିକ୍ଷା ଦ୍ୱାରା ନିଜର ଜୀବନ ପଥ ସୁଗମ କରିହେବ। ଶିକ୍ଷାକେନ୍ଦ୍ରର ଶିକ୍ଷା ପାଠ୍ୟ ପୁସ୍ତକ ମଧ୍ୟରେ ସୀମିତ ନ ରହି କ୍ରୀଡ଼ା ବିକାଶ କ୍ଷେତ୍ରରେ ବିନିଯୋଗ ପାଇଁ ସର୍ବଦା ପ୍ରେରଣା ଯୋଗାଇ ଆସିଛି । ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ । ସଭା ପ୍ରାରମ୍ଭରେ ସମ୍ପାଦକ ମନୋଜ କୁମାର ବିଶ୍ୱାଳ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟକ୍ଷା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ଅମିୟ କୁମାର ସ୍ୱାଇଁ, ଅନନ୍ୟା ଦାସ, ଆଶାବରୀ ବିଶ୍ୱାଳ, ମଧୁସ୍ମିତା ସାମଲ, ଶୁଭସ୍ମିତା ବେହେରା ଓ ଅନୁପମା ପୁହାଣ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍ତମ୍ଭକାର ଦିବାକର ବିଶ୍ୱାଳଙ୍କ ୯୬ତମ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ, ୨୧।୨(କଳ୍ପତରୁ ନାୟକ)

ବିଶିଷ୍ଟ ସ୍ତମ୍ଭକାର ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ଶିକ୍ଷକ ନେତା ଦିବାକର ବିଶ୍ୱାଳଙ୍କ ୯୬ ତମ ଜୟନ୍ତୀ ସ୍ଥାନୀୟ କଷଣଅଣ୍ଟା ରାଧାରାଣୀ ମଣ୍ଡପରେ ଶନିବାର ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଲେଖାଲେଖି ପ୍ରକାଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଦୀପ୍ତ କୁମାର ବେହୁରା ପୌରହିତ୍ୟ କରିଥିଲେ। ଏଥିରେ ରାଜନଗର ପୂର୍ବତନ ବିଧାୟକ ଡ଼ ଅଲେଖ ଜେନା, ନାଟ୍ୟକାର ଗୋଲେଖ ମହାରଣା ମୁଖ୍ୟବକ୍ତା,ଗାଳ୍ପିକ ପ୍ରଦୀପ ନାୟକ ଶିକ୍ଷାବିତ୍ କସ୍ତୁରି ଚରଣ ସ୍ୱାଇଁ ଓ କସ୍ତୁରୀ କଳା ନିକେତନ ସଭାପତି ସୁରେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଂଗତ ଦିବାକର ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ। ଏଇ ଅବସରରେ ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ଉପରେ ଏକ ସ୍ମରଣିକା ‘ ଦିବ୍ୟଦର୍ଶୀ ଦିବାକର’କୁ ଅତିଥିମାନେ ଲୋକାର୍ପଣ କରିଥଲେ। ସଂସ୍କୃତି ପ୍ରେମୀ ତଥା ଅଭିନେତା ନବକିଶୋର ପଣ୍ଡାଙ୍କୁ ଦିବାକର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏଇ ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ କବି ସଚିତ୍ର କୁମାର ବେହୁରା, ସୁଶାନ୍ତ କୁମାର ଦାଶ, ରାମକୃଷ୍ଣ ଦାଶ ଓ ବୈଷ୍ଣବ ମଲିକ ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ କରିଥଲେ।

ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ କୁମାର ସାହୁ ସ୍ୱାଗତଭାଷଣ ଓ ପାର୍ଥ ସାରଥୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମନୋଜ୍ଞ ଉତ୍ସବରେ କବି ବ୍ରଜବନ୍ଧୁ ଦାଶ , ପ୍ରମୋଦ ନାୟକ, ବିଜୟ କୁମାର ସାହୁ, ସଂଘମିତ୍ରା ବିଶ୍ୱାଳ, ବନଜା ପାତ୍ର, ସରୋଜକା’ ମଲ୍ଲିକ, ଗୋଲକ ପାତ୍ର , କୃପାସିନ୍ଧୁ ନାୟକ, ଉମେଶ ଚନ୍ଦ୍ର ଜେନା, ପ୍ରଭାକର ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ଓ କସ୍ତୁରୀ କଳାନିକେତନର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶେଷରେ ସୁରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ସେହିପରି କସ୍ତୁରୀ କଳା ନିକେତନ ପକ୍ଷରୁ ବିଶ୍ୱାଳଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, କବି ସଚିତ୍ର ବେହୁରା ମୁଖ୍ୟବକ୍ତା, କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନା,ସମ୍ପାଦକ କୃପାସିନ୍ଧୁ ନାୟକ,ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ବିଦ୍ୟୁତ ଉପଭୋକ୍ତା ମଞ୍ଚ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଆଡ଼ଭୋକେଟ ପ୍ରମୋଦ ସାହୁ, ଇଂ ତପନ ପାତ୍ର, ଶିକ୍ଷକନେତା ବିଜୟ ସାହୁ, ନବ କିଶୋର ପଣ୍ଡା ଆମ୍ବେଦ୍କର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ ଡା ଅଲେଖ ଶର୍ମା, କବି ଅନିଲ ଚୌଧୁରୀ, ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ,ନରେଶ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଚନ୍ଦ୍ରଶେଖର



@ କିରଣ



@ ମାନସ



@ ସରୋଜ



@ ବିଶ୍ୱଜିତ୍


ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ସୁଶ୍ରୀଦେବୀ ହାଇସ୍କୁଲରେ ମେଗା ସ୍ୱାସ୍ଥ୍ୟ ଶିବିର ଆଜି

ରାଜକନିକା,୨୧।୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅନ୍ତର୍ଗତ କାଳିକାପୁର ଏସ୍‌ଡି ହାଇସ୍କୁଲ ପ୍ରାଙ୍ଗଣରେ ରବିବାର ସଞ୍ଜୟ କୁମାର ଦାଶଙ୍କ ସଂଯୋଜନାରେ ମେଗା ସ୍ୱାସ୍ଥ୍ୟ ଶିବିର କିମ୍ସ୍ ହସ୍‌ପିଟାଲ ପକ୍ଷରୁ ଆୟୋଜିତ ହେବ। ଡ଼. ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ତଥା କିମ୍ସ୍‌ର ଉପଦେଷ୍ଟା ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ୨୫ଟି ବିଭାଗର ୧୦୦ ଡାକ୍ତର ଶିବିରରେ ଯୋଗେଦେବେ ବୋଲି ଜଣାପଡିଛି। ଔଷଧ ଏବଂ ସମସ୍ତ ପରୀକ୍ଷା ଶିବିରରେ ଉପଲବ୍ଧ ହେବ ।

## ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କର୍ମଶାଳା

ଡେରାବିଶ,୨୧।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥୀ, ମଣ୍ଡଳ ସହ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ପ୍ରଧାନ ଶିକ୍ଷକ ସୁରେଶ ସେଠୀ, ପ୍ରଶାନ୍ତ ଶତପଥୀ ଓ ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ସାଧନ କେନ୍ଦ୍ର ଅଧିନସ୍ଥ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ପ୍ରଦର୍ଶିତ କରିବା ସହ ଏହା ପାଠପଢ଼ାରେ ଉପଯୋଗିତା ଉପରେ ନିଜ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ବିଭିନ୍ନ ଚିତ୍ର ପ୍ରଦର୍ଶନ କରୁଛନ୍ତି।

## ‘ଅନ୍ୟ ଭାଷାକୁ ଗୁରୁତ୍ୱଦେଇ ମାତୃଭାଷା ହଜି ନ ଯାଉ’

କେନ୍ଦ୍ରାପଡା,୨୧।୨ (ଜଗନ୍ନାଥ ଧଳ)

ସହରର ପ୍ରେସ୍ ରୁମ୍ ପରିସରରେ ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ଆଲୋଚକମାନେ ଅନ୍ୟ ଭାଷାକୁ ଗୁରୁତ୍ୱ ଦେଇ ମାତୃଭାଷା ହଜି ଯିବା ପାଇଁ ବାଟ ନ ଖୋଲାଯାଉ ବୋଲି ଆହ୍ୱାନ ଦେଇଛନ୍ତି। ଜିଲା ସଭାପତି ଶିକ୍ଷାବିତ୍ ନନ୍ଦକିଶୋର ପରିଡା ଏଥିରେ ଅଧକ୍ଷତା କରିଥିଲେ। ସାହିତ୍ୟିକ ମୋହନ ଚରଣ ଜେନା, ଶିକ୍ଷାବିତ୍ ଅଜୟ କୁମାର ସାମଲ, ସମ୍ପାଦକ ବାସୁଦେବ ଦାସ, ଶିକ୍ଷାବିତ ଶୁଭ୍ରାଂଶୁ ଦାସ ଆଲୋଚକ ଭାବେ ଯୋଗ ଦେଇଥିଲେ ।

ସେମାନେ କହିଥିଲେ, ଶିଶୁର ଆଦ୍ୟ କାଳରୁ ମା’ ଭାଷା ସହିତ ଜଡିତ । ସ୍ଥାନୀୟ ଅଞ୍ଚଳର ସଂସ୍କୃତିରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଏଥିରେ ଭରି ରହିଥାଏ। ସମ୍ପ୍ରତି ଶିଶୁର ଆଦ୍ୟ ସମୟରେ ମାତୃଭାଷାକୁ ଗୁରୁତ୍ୱ ନ ଦେଇ ବାହାର ଦୁନିଆ ସହିତ ସମ୍ପର୍କ ରଖିବା ପାଇଁ ଇଂଲିଶ ଓ ଅନ୍ୟ ଭାଷାକୁ ଶିକ୍ଷା ଦିଆଯାଉଛି। ଫଳରେ ପ୍ରାରମ୍ଭରୁ ବାହାର ସଂସ୍କୃତି ସ୍ଥାନୀୟ ଅଞ୍ଚଳକୁ ପଶି ଆସି ସମାଜକୁ ଦଗଭ୍ରଷ୍ଟ କରୁଛି ।

ଏହାର ସଦ୍ୟତମ ଉଦାହରଣ କେନ୍ଦ୍ରାପଡା ଜିଲାରେ ଦେଖିବାକୁ ମିଳୁଛି। ଉପାନ୍ତ ଅଞ୍ଚଳରେ ଓଡିଆ ଭାଷା ମରିଯାଉଛି। ଏହି ଅଞ୍ଚଳରେ ବଙ୍ଗଳା ଭାଷାର ପ୍ରାଧାନ୍ୟ ବଢ଼ିଯାଉଛି। ସେହିପରି ଇଂଲିଶ, ହିନ୍ଦି ପରି ଭାଷା ଆୟତ ସମୟରେ ଓଡ଼ିଆ ଶବ୍ଦଗୁଡିକ ଲୋପ ପାଇବାରେ ଲାଗିଛି। ଗାଉଁଲି ଭାଷାକୁ ଅବହେଳା କରାଗଲେ ସ୍ଥାନୀୟ ଅଞ୍ଚଳର ପରିଚୟ ହଜିଯିବ ବୋଲି ଆଲୋଚକମାନେ ଏଠାରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ଚୈତନ୍ୟ ପରିଡା, ଶିକ୍ଷାବିତ ରବୀନ୍ଦ୍ର ପ୍ରସାଦ ଜେନା, ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି, ଭାଗୀରଥି ଜେନା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ଆଦିକନ୍ଦ ରାଉଳ ଆଲୋଚନା ଚକ୍ର ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ରୋକା ଯାଇ ପାରିଲାନି କଟ୍‌ନି ଛଟ୍‌ନି

## ■ ଧାନର ମାନ ପରୀକ୍ଷଣ ହେଉନି
## ■ ରୁକ୍ଷ ହେଉଛି ଆଚରଣ, ଉଚାରଣ

ନୟାଗଡ଼,୨୧।୨(ଲୋକନାଥ ମିଶ୍ର)

ଧାନକିଣାରେ କଟ୍‌ନି ଛଟ୍‌ନି ରୋକିବା ବଦଳରେ ବଢ଼ି ଚାଲିଛି। ଚଳିତ ବର୍ଷ ୧୦ରୁ ୨୦ କିଲୋ ଭିତରେ କୁଇଣ୍ଟାଲ ପିଛା ଧାନ କଟ୍‌ନି ଛଟ୍‌ନି କରାଯିବା ପରି ଅଭିଯୋଗ ଉଠିଛି । କଟ୍‌ନି ଛଟ୍‌ନିର ପ୍ରତିବାଦ କଲେ ଚାଷୀଙ୍କ ଧାନ ଭଲ ନୁହେଁ କୁହାଯାଉଛି। ଏପରିକି ଆଚରଣ ଓ ଉଚାରଣରେ ରୁକ୍ଷ ବ୍ୟବହାର ଦେଖିବାକୁ ମିଳୁଛି । ଏଫଏକ୍ୟୁର ଧାନ ନୁହେଁ, କହି ଚାଷୀଙ୍କୁ ଧାନ ମଣ୍ଡିରୁ ଫେରାଇ ଦିଆଯାଉଛି । କଟ୍‌ନି ଛଟ୍‌ନିରେ ଚାଷୀ ସହମତି ପ୍ରକାଶ କଲେ ଭଲ ବ୍ୟବହାର ଶୁଣିବାକୁ ମିଳୁଛି । ରୁକ୍ଷ ବ୍ୟବହାର ଅପସାରଣ ହୋଇଯାଉଛି । ଧାନ ମାନ ଆଉ ପରୀକ୍ଷା ହେଉନି । ଖରାପ ଧାନ ଭଲ ହୋଇ ଯାଉଛି। ତେବେ ଚାଷୀଙ୍କୁ ପ୍ରତିବର୍ଷ କାହିଁକି ଅଯଥାରେ ଚାଷୀଙ୍କୁ ପ୍ରତିବର୍ଷ କାହିଁକି ଭ୍ରାନ୍ତ କରାଯାଉଛି ବୋଲି ପ୍ରଶ୍ନ ଉଠିଛି ।

ଧାନକିଣାରେ କଟନୀଛଟନୀ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବାଚସ୍ପତି ସୁରମା ପାଢ଼, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ନୟାଗଡ଼ ଜିଲାପାଳ ମଧୁମିତା ରଥ ନିର୍ଦ୍ଦେଶ ଦେଇଥିଲେ। ହେଲେ ମିଲର ହେଉକି ପ୍ୟାକ୍ସ କର୍ତ୍ତୃପକ୍ଷ ନିର୍ଦ୍ଦେଶକୁ ଅଣଦେଖା କରିବା ପରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିଧାୟକ ଓ ଜିଲାପାଳଙ୍କ ନିର୍ଦ୍ଦେଶ ଭାଷଣବାଜିରେ ରହି ଯାଇଛି।

ଏନେଇ କୃଷକ ନେତା ରଣଜିତ ଦଳବେହେରା, ସୁଦାମ ସ୍ୱାଇଁ, ବିଭୁଦତ୍ତ ମହାପାତ୍ର କୁହନ୍ତି, ଧାନ ଫସଲ ନଷ୍ଟ ନ ହୋଇ ମଧ୍ୟ କଟ୍‌ନି ଛଟ୍‌ନି ଚାଲିଛି । ଚାଷୀର ଧାନ ଯଦି ଖରାପ କଟ୍‌ନି ଛଟ୍‌ନି ହେଲେ ଭଲ ହୋଇଯାଉଛି କିପରି । ପରେ ଯଦି ଭଲ ଧାନ ହେଉଛି ତେବେ ପ୍ରତିବର୍ଷ ଚାଷୀଙ୍କୁ କାହିଁକି ଅଯଥାରେ ହଇରାଣ କରାଯାଉଛି। କଟ୍‌ନି ଛଟ୍‌ନି କରିବାକୁ ସ୍ୱତନ୍ତ୍ର ଆଇନ ଅଣାଯାଉ । କଟ୍‌ନି ଛଟ୍‌ନି କେଉଁ ଚାଷୀର କେତେ ଧାନ କଟୁଛି ସେନେଇ ରସିଦ୍ ଦିଆଯାଉ। ଅନ୍ୟପକ୍ଷେ କଟ୍‌ନି ଛଟ୍‌ନି ବିରୋଧରେ ପ୍ରତିବର୍ଷ ଆନ୍ଦୋଳନ ହେଉଛି । ହେଲେ ସୁଫଳ ମିଳୁନି। କଟ୍‌ନି ଛଟ୍‌ନିରେ ନେତା, କର୍ମୀ, କର୍ମଚାରୀ ଓ ଅଧିକାରୀ ସାମିଲ ଥିବାରୁ ଏହାକୁ ରୋକିବା କାଠିକର ପାଠ ହୋଇ ପଡିଛି କ୍ଷୋଭର ସହ କହିଥିଲେ।

## ବୃଦ୍ଧାଶ୍ରମର ବାର୍ଷିକ ଉତ୍ସବ | ଅସହାୟଙ୍କ ପାଇଁ ବୃଦ୍ଧାଶ୍ରମ ସହାୟ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ନୟାଗଡ଼, ୨୧।୨(ଲୋକନାଥ ମିଶ୍ର)

ନୟାଗଡ଼ ଲେଖନପୁରଠାରେ ଥିବା ସମର୍ପଣ ବୃଦ୍ଧାଶ୍ରମ ପରିସରରେ ଏହାର ଅଷ୍ଟମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ମଧୁମିତା ରଥ ଯୋଗଦେଇ ସମର୍ପଣ ଅନ୍ତେବାସୀଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ଆୟୋଜିତ ସଭାକୁ ସମର୍ପଣ ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ମହାନ୍ତି ସଂଯୋଜନା କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗଦେଇ ଥିଲେ।

ଏହି ଅବସରରେ ଅନୁଷ୍ଠାନ ସମ୍ପାଦକ ଶ୍ରୀଧର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ସମର୍ପଣ ବୃଦ୍ଧାଶ୍ରମ ପରିଚାଳନା କମିଟି ସଭାପତି ରଥ କହିଥିଲେ, ମୁଁ ଏ ଅନୁଷ୍ଠାନର ଅତିଥି ନୁହେଁ, ମୁଁ ହେଉଛି ଜଣେ ସେବକ। ଆପଣମାନଙ୍କର ପୂର୍ଣ୍ଣ ସହଯୋଗରେ ଏହି ବୃଦ୍ଧାଶ୍ରମ କେବଳ ନୟାଗଡ଼ ମାଟିରେ ନୁହେଁ ସମଗ୍ର ଓଡ଼ିଶାରେ ଆଦର୍ଶ ହୋଇ ରହୁ। ଅସହାୟ ମାନଙ୍କର ସବୁବେଳେ ସହାୟ ହେଉଥାଉ। ସମର୍ପଣ ଗୃହର ପରିଚାଳନା ସହିତ କଳେବର ବୃଦ୍ଧିରେ ସହଯୋଗ କରୁଥିବା ସମସ୍ତ ବଦାନ୍ୟ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ପ୍ରତିଦିନ ନିଃଶୁଳ୍କ ପରିବା ଯୋଗାଉଥିବା ବ୍ୟବସାୟୀ ସଂଘ କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ସମର୍ପଣ ପ୍ଲେସ୍କୁଲ ପରିଚାଳନା ପାଇଁ ମାସିକ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବଳଭଦ୍ର ପ୍ରସାଦ ପଟ୍ଟନାୟକ ଓ ସଂଗୀତା ପଟ୍ଟନାୟକ ଦମ୍ପତିଙ୍କୁ ମୁଖ୍ୟ ଅତିଥି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ, ଭାରତ ବିକାଶ ପରିଷଦ, ଦେବଦୂତ ସେବା ପରିଷଦ,ବରିଷ୍ଠ ନାଗରିକ ମଞ୍ଚ ଓ ନୟାଗଡ଼ ସହରର ବହୁ ବୁଦ୍ଧିଜୀବୀ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ପରିଶେଷରେ ସମର୍ପଣ ପରିଚାଳନା କମିଟିର କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ୧୧ କେନ୍ଦ୍ରରେ ୧,୫୪୯ ଦେଲେ ମାଟ୍ରିକ୍ ପରୀକ୍ଷା

### ଖଣ୍ଡପଡ଼ା ନୋଡାଲ କେନ୍ଦ୍ରର ଦ୍ୱିତୀୟ ଦିନ
### ■ ୨୦ ଅନୁପସ୍ଥିତ

ଖଣ୍ଡପଡ଼ା,୨୧।୨(ଅଜୟ କୁମାର ମହାରଣା)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଦ୍ୱିତୀୟ ଦିନ ଇଂଲିଶ୍ ପରୀକ୍ଷା ଶୃଙ୍ଖଳାର ସହ ଶେଷ ହୋଇଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ରାମଚନ୍ଦ୍ର ନୋଡାଲ ହାଇସ୍କୁଲ କେନ୍ଦ୍ର ଅଧୀନରେ ୧୧ଟି ପରୀକ୍ଷା କେନ୍ଦ୍ର ରହିଛି। ସମସ୍ତ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ଇଂଲିଶ୍ ପରୀକ୍ଷା କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୧,୫୪୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ନୋଡାଲ କେନ୍ଦ୍ର ସମେତ ୧୧ କେନ୍ଦ୍ରରେ ସମୁଦାୟ ୧୫୬୯ ଛାତ୍ରୀଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା ଥିବା ବେଳେ ଶନିବାର ଦ୍ୱିତୀୟ ଦିନ ଇଂଲିଶ ପରୀକ୍ଷାର ବିଭିନ୍ନ କେନ୍ଦ୍ରରେ ୨୦ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି।

ଏଥିମଧ୍ୟରେ ଖଣ୍ଡପଡ଼ା ବ୍ଲକ କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ୪, ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ନଟବରପୁର ଶାସନ କେନ୍ଦ୍ରରେ ୫, ଗୋକୁଳାନନ୍ଦ ଜୀଉ ଉଚ୍ଚ ବିଦ୍ୟାଳୟରେ ଜଣେ, କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜଣେ, ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ୧, ଖଳିସାହି ଲିଙ୍ଗରାଜ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨, ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩ ଓ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ଏପରି ୨୦ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନୋଡାଲ କେନ୍ଦ୍ର ଇନ୍‌ଚାର୍ଜ ତଥା ଆର୍‌ସି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କଠାରୁ ପ୍ରକାଶ। ନୋଡାଲ କେନ୍ଦ୍ରରୁ କଡ଼ା ସୁରକ୍ଷାରେ ପ୍ରତ୍ୟେକ କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ନୋଡାଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ନନ୍ଦଙ୍କଠାରୁ ପ୍ରକାଶ।

## ବିଏସ୍ଏଫ୍ ଯବାନ ବିକାଶଙ୍କୁ ସମ୍ବର୍ଦ୍ଧିତ କଲେ ଗ୍ରାମବାସୀ



ବିକାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା,୨୧।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଗ୍ରାମର ଉଦୀୟମାନ ଯୁବକ ବିକାଶ ବେହେରା (୨୪) ଇତିମଧ୍ୟରେ ବିଏସ୍ଏଫ୍‌ରେ ଯୋଗଦେଇ ଦେଶ ମାତୃକାର ସେବା କରିବା ପାଇଁ ଆଗେଇ ଆସିଥିବା ଜଣାପଡ଼ିଛି। ସ୍ଥାନୀୟ ଗ୍ରାମବାସୀ, ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ବିଜୟ କୁମାର ସେଠୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଏସ୍ଏଫ୍ ଯବାନ ବିକାଶଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି।

ବାଲ୍ୟକାଳରୁ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରି ଆସିଥିବା ବିକାଶ ନିଜର ପ୍ରଚେଷ୍ଟା ବଳରେ ସୀମା ସୁରକ୍ଷା ବାହିନୀରେ ଯୋଗଦେଇ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିବା ସହ ଆଜିର ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସେ କୁମ୍ଭାରପଡ଼ା ଗ୍ରାମର ବଂଶୀଧର ବେହେରାଙ୍କ ପୁଅ। ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଏବେ ଅଭିନନ୍ଦନ ଓ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

## ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଖଣ୍ଡପଡ଼ା, ୨୧।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସିଂଘାପଡା ପଞ୍ଚାୟତ ରୁପାପଲ୍ଲୀ ଗ୍ରାମରେ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଗ୍ରାମବାସୀଙ୍କ ଆର୍ଥିକ ସାହାର୍ଯ୍ୟ ଓ ସହଯୋଗରେ ନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅଙ୍କୁରାରୋପଣ ଓ କ୍ଷୀରାଭିଷେକ ଆଦି ମାଙ୍ଗଳିକ କାର୍ଯ୍ୟକ୍ରମ ଶେଷ ହୋଇଥିବା ଜଣାପଡିଛି। ବ୍ରାହ୍ମଣ ସମାଜର ପୁରୋଧାମାନଙ୍କ ଦ୍ୱାରା ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ସହ ଦେବନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି କରାଯାଉଛି। ଏ ଅବସରରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ମନ୍ଦିର ପରିସରରେ ଉପସ୍ଥିତ ରହି ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ଆଖପାଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିବା ବେଳେ ସିଂଘାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପରମାନନ୍ଦ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ସରପଞ୍ଚ ସୁନିଲ କୁମାର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଜଣାପଡିଛି। ଆସନ୍ତା ସୋମବାର ମନ୍ଦିରରେ ବିଗ୍ରହମାନଙ୍କ ସ୍ଥାପନ ସହ ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ସମ୍ପନ୍ନ ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରଶେଖର



@ କିରଣ



@ ମାନସ



@ ସରୋଜ



@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଆଜିଠାରୁ

ଖଣ୍ଡପଡ଼ା,୨୧।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ୍‌ରେ ରବିବାରଠାରୁ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ ମା’ ଭୈରବ କାଳୀ ଭଞ୍ଜନଗର ଫୁଟ୍‌ବଲ ଟିମ୍ ଓ ବିଡାନାସୀ ଫୁଟ୍‌ବଲ ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହେବ।

ସେହିପରି ୨୩ ତାରିଖରେ ବଜରଙ୍ଗୀ କ୍ଲବ ଘାଟିକିଆ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ୨ୟ ମ୍ୟାଚ ଅନୁଷ୍ଠିତ ହେବ। ୨୪ରେ ସ୍ପୋର୍ଟସ ଆସୋସିଏଶନ ଖଣ୍ଡପଡ଼ା ଓ ବାପୁଜୀ କ୍ଲବ କଟକ, ୨୫ରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଓ ରକି ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଶେଷ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ୨୬ ଓ ୨୭ରେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ସହ ୨୮ ତାରିଖରେ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ କଟକ-ଭୁବନେଶ୍ୱର ଟିମ୍‌କୁ ନେଇ ମହିଳା ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସେହିପରି ମାର୍ଚ୍ଚ ୧ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ଆୟୋଜକ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏଶନର ମୁଖ୍ୟ ତଥା ବିଶିଷ୍ଟ କ୍ରୀଡାବିତ୍ ଭିକାରୀ ଖଣ୍ଡାୟତଙ୍କଠାରୁ ପ୍ରକାଶ।

## ମା’ ରାମଚଣ୍ଡୀ କ୍ରିକେଟ ପ୍ରିମିୟର ଲିଗ୍ | ତୃତୀୟ ଦିନ ଖେଳରେ ଇଲାଇଟ ଷ୍ଟ୍ରାଇକର ନେକ୍ସ୍ଟ ଜେନେରେଶନ ବିଜୟୀ



ଶରଣକୁଳ,୨୧।୨(ଦୀପକ କର)

ମା’ ରାମଚଣ୍ଡୀ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଶରଣକୁଳ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ଲିଗ୍ ମ୍ୟାଚର ତୃତୀୟ ଦିବସର ପ୍ରଥମ ମ୍ୟାଚ ମହାକାଳ ୱାରିୟର୍ସ ସହିତ ଇଲାଇଟ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାକାଳ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୪ ରନ ସଂଗ୍ରହ କରିଥିଲା ବେଳେ ଇଲାଇଟ ଷ୍ଟ୍ରାଇକର ୬ ଓଭର ଖେଳି ୬ ଉଇକେଟ ବିନିମୟରେ ୮୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଇଲାଇଟ ଷ୍ଟ୍ରାଇକର ଦଳର ବାପି ୨୧ ବଲରୁ ୪୪ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ ଶରଣକୁଳ ନେକ୍ସ୍ଟ ଜେନେରସନ ସହିତ ଭୋଲେବାବା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶରଣକୁଳ ନେକ୍ସ୍ଟ ଜେନେରସନ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୭ ରନ ସଂଗ୍ରହ କରିଥିଲା ବେଳେ ବିପକ୍ଷରେ ଭୋଲେବାବା ଏକାଦଶ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ ସଂଗ୍ରହ କରି ୪ ରନରେ ପରାଜୟ ବରଣ କରିଥିଲା। ଏହି ମ୍ୟାଚରେ ଶରଣକୁଳ ନେକ୍ସ୍ଟ ଜେନେରସନ ଦଳର ଦମଦାର ବୋଲର ସନିଆ ୫ ଟି ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ବରିଷ୍ଠ ଖେଳାଳି ଦାଶରଥି ପରିଡ଼ା ଓ ଦେବା ପରିଚାଳନା କରିଥିଲାବେଳେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଗୋଡିପଡାରେ ଭ୍ରାମ୍ୟମାଣ କୋର୍ଟ

ନୟାଗଡ଼,୨୧।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡା ପଞ୍ଚାୟତରେ ଗ୍ରାମ ନ୍ୟାୟାଳୟ ପକ୍ଷରୁ ଭ୍ରାମ୍ୟମାଣ କୋର୍ଟ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ନ୍ୟାୟାଧିକାରୀ ସୌମ୍ୟାଶୀ ମହାପାତ୍ରଙ୍କ ଉପସ୍ଥିତିରେ ୨୨ଟି ସାକ୍ଷ୍ୟ ଗ୍ରହଣ କରାଯାଇ ଦୁଇଟି ମୋକଦ୍ଦମାର ମୁଦାଲାଙ୍କୁ ଜାମିନ ଦିଆଯାଇଥିଲା। ସରକାରୀ ଆଇନଜୀବୀ କିଶୋର ଚନ୍ଦ୍ର ସାହୁ ମାମଲା ପରିଚାଳନା କରିଥିଲେ । ପ୍ରମୋଦ ବିଶ୍ୱାଳ, ନାରାୟଣ ନାୟକ, ବସନ୍ତ କୁମାର ମହାନ୍ତି ପ୍ରମୁଖ ଆଇନଜିବୀ ଉପସ୍ଥିତ ଥିଲେ । ପଞ୍ଚାୟତ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଓ ସମିତି ସଭ୍ୟ ସସ୍ମିତା ମହାନ୍ତି ପୁଷ୍ପଗୁଚ୍ଛ ଦେଇ ଗ୍ରାମ ନ୍ୟାୟଧିକାରୀଙ୍କୁ ସ୍ୱାଗତ କରିଥିଲେ ।

